THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ମେ’ ୧୭ ୨୦୨୬

ମନୋରଞ୍ଜନ

ଅକ୍ଷୟଙ୍କ ସହ ଏକାଠି ହେଲେ ବିଦ୍ୟା



# ସଶକ୍ତ ନାରୀ



# ଶ୍ରୀ ରାମକୃଷ୍ଣ ଚରିତାମୃତ ୪୬

■ ମନୋଜ କୁମାର ମହାପାତ୍ର

ତା’ପରେ ତାଙ୍କର କ୍ଷଣିକ ବ୍ରହ୍ମଚେତନା ଜ୍ଞାନ ହୋଇଥିଲା । ତାଙ୍କର କେବଳ ଅନୁଭବ ହୋଇଥିଲା ଯେ ତାଙ୍କର ମୁଣ୍ଡ ଅଛି, କେବଳ ଶରୀର ନାହିଁ । ସେ ପାଟିକରି ଉଠିଲେ- ‘ଆହେ ମୋର ଶରୀର କାହିଁ ?’ ତାଙ୍କ ପାଟି ଶୁଣି ବୁଢ଼ା ଗୋପାଳ ତାଙ୍କ ଶୋଇବା ଘରକୁ ଆସିଥିଲେ ଏବଂ ନରେନ୍ଦ୍ରଙ୍କୁ ସେହି ପ୍ରଶ୍ନର ପୁନରାବୃତ୍ତି ପାଇଁ କହିଥିଲେ - ‘ଆରେ ନରେନ୍, ତୁମର ଶରୀର ତ ଅଛି ।’ କିନ୍ତୁ ନରେନ୍‌ଙ୍କୁ ସମାଧିରୁ ନ ଉଠିବା ଦେଖି ଆତଙ୍କିତ ହୋଇ ସେ ଶ୍ରୀ ରାମକୃଷ୍ଣଙ୍କ ପାଖକୁ ଦୌଡ଼ି ଆସିଲେ ଏବଂ ନରେନ୍ଦ୍ରର ବେହୋସ୍ ହେବା କଥା ଶ୍ରୀ ରାମକୃଷ୍ଣଙ୍କୁ କହିଲେ । ଶ୍ରୀ ରାମକୃଷ୍ଣ କହିଲେ - ‘ତାଙ୍କୁ ଏହି ଅବସ୍ଥାରେ ଛାଡ଼ିଦିଅ, ତାଙ୍କ ପାଇଁ ତ ମୁଁ ଏତେ ବ୍ୟସ୍ତତା ଭିତରେ ରହୁଥିଲି ।’

ବହୁ ସମୟ ପରେ ନରେନ୍ଦ୍ରଙ୍କ ବ୍ରହ୍ମ ଚେତନା ଫେରିଆସିଥିଲା । ସେମାନେ ଗୁରୁଭାଇମାନଙ୍କୁ ଏକତ୍ରିତ କରିଥିଲେ, ତାଙ୍କର ଆତ୍ମା ଏକ ଅନୁପମ ଶାନ୍ତିରେ ପରିପୂର୍ଣ୍ଣ ଥିଲା । ଯେତେବେଳେ ସେ ଶ୍ରୀ ରାମକୃଷ୍ଣଙ୍କ ପାଖରେ ପହଞ୍ଚିଲେ ସେତେବେଳେ ଶ୍ରୀ ରାମକୃଷ୍ଣ ତାଙ୍କୁ କହିଲେ - ‘ଏବେ ତୁମ ମା’ ତ ଦେଖା ଦେଇଦେଲେ, କିନ୍ତୁ ତୋର ଅନୁଭୂତି ସବୁ ତାଲା ପଡ଼ି ବନ୍ଦ ରହିବ ଏବଂ ଚାବି ମୋ ପାଖରେ ରହିବ । ଯେତେବେଳେ ତୁ ମା’ଙ୍କ କାର୍ଯ୍ୟ ପୂରା କରିବୁ ତା’ହେଲେ ମୁଁ ଏହାକୁ ତୋତେ ସଅଁପି ଦେଲେ ତୁ ପୁନଃ ନିଜର ସ୍ଥାନକୁ ପ୍ରତ୍ୟାଗମନ କରିବୁ ।’

ଏହା ମଧ୍ୟରେ ଶ୍ରୀ ରାମକୃଷ୍ଣଙ୍କ ଅବସ୍ଥା ଆହୁରି ଶୋଚନୀୟ ହୋଇଗଲା । ଶରୀରରେ କେବଳ ଅସ୍ଥିପିରା ମାତ୍ର ପଡ଼ି ରହିଲା । ତାଙ୍କର ଆହାର ଏକବାର କମିଗଲା । ଭକ୍ତଗଣ ଏହା ଦେଖି ବ୍ୟଥିତ ହୋଇପଡ଼ିଲେ । ସେମାନେ ଜାଣି ଯାଇଥିଲେ ଯେ ଠାକୁର ନିଜ ଜୀବନର ଅନ୍ତିମତମ ସମୟରେ ଉପସ୍ଥିତ । ସେ ଏହି ସଂସାରରୁ ବିଦାୟ ନେବା ପାଇଁ ତତ୍ପର । ଯେତେବେଳେ ପୀଡ଼ା ଅସହ୍ୟ ହେଇଉଠୁଥିଲା, ସେତେବେଳେ ଶ୍ରୀ ରାମକୃଷ୍ଣ ହସି ହସି ଧୀର ଓ ମୃଦୁ ସ୍ୱରରେ କହୁଥିଲେ - ‘ଦୁଃଖ ଜାନେ ଆର ଶରୀର ଜାନେ ମନ ତୁମି ଆନନ୍ଦେ ଥାକ ।’ ଅର୍ଥାତ୍ ଆରେ ମନ ! ଶରୀର ଓ ତାହାର କଷ୍ଟ ତୁମେ ଦୁହେଁ ପରସ୍ପର ସହି ନିଅ, କିନ୍ତୁ ତୁ ସର୍ବଦା ଆନନ୍ଦରେ ରହ ।

ଥରେ ରାତିରେ ଅତି କ୍ଷୀଣ ସ୍ୱରରେ ମହେନ୍ଦ୍ରନାଥଙ୍କୁ କହିଲେ - ‘ତୁମେମାନେ କାନ୍ଦିବ ବୋଲି ମୁଁ ଅତି ପ୍ରସନ୍ନତାର ସହିତ ସବୁକିଛି କଷ୍ଟ ସହିନେଉଛି । କିନ୍ତୁ ତୁମେମାନେ ଯଦି କହିବ, ଏତେ କଷ୍ଟ ପାଇବା ଅପେକ୍ଷା ଶରୀର ତ୍ୟାଗ କରି ଚାଲିଯିବା ଉତ୍ତମ ହେବ । ସେଥିପାଇଁ ମୁଁ ପ୍ରସ୍ତୁତ ଅଛି ।’ କିନ୍ତୁ ଶରୀର ରଖିବା ପାଇଁ ଜଗନ୍ମାତାଙ୍କୁ କହିବା ପାଇଁ ଭକ୍ତମାନେ ମୋତେ ଅନୁନୟ ହୋଇ କହିଲେ । ଶ୍ରୀ ରାମକୃଷ୍ଣ ତାଙ୍କୁ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଦେଖି କହିଲେ - ମୁଁ ତାଙ୍କୁ କେଉଁ ଜିନିଷ କେମିତି ମାଗିପାରିବି ? ମୋ ଇଚ୍ଛା ପୂର୍ଣ୍ଣ ଭାବରେ ତାଙ୍କ ଇଚ୍ଛାରେ ସମାହିତ ହେଇଛି । ମୋର ଏବେ ନିଜର ଇଚ୍ଛା ବୋଲି କିଛି ନାହିଁ । ଏହି ଭାବରେ ସେ ଭକ୍ତମାନଙ୍କୁ ସାନ୍ତ୍ୱନା ଦେଇ କହୁଥିଲେ - (ଈଶ୍ୱର) ନିଜେ ଭକ୍ତଙ୍କ ନିମନ୍ତେ ମାନବ ରୂପ ଧାରଣ କରନ୍ତି, ଅବତାର ରୂପରେ ଆସନ୍ତି । ଭକ୍ତମାନେ ଲୀଳା ସମାପ୍ତ ଉତ୍ତାରୁ ତାଙ୍କ ସହିତ ପୁଣି ଫେରିଯାଆନ୍ତି । ବାଉଲ୍‌ର ଏକ ଦଳ ଘର ସାମ୍‌ନାରେ ପ୍ରକଟିତ ହୁଅନ୍ତି, ନାଚନ୍ତି, ଗୀତ ଗାଆନ୍ତି ଏବଂ ଯେମିତି ଆସନ୍ତି, ସେମିତି ଅଚାନକ ଅଦୃଶ୍ୟ ହେଇଯାଆନ୍ତି । ସେମାନଙ୍କୁ କେହି ଜାଣି ପାରନ୍ତିନି । (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯



## ସେମାନେ ସୃଷ୍ଟି କରନ୍ତି ପରିଚୟ

ସୁଚରିତା ମହାନ୍ତି

ଆମେ ସମସ୍ତେ ଅନ୍ୟର ପରିଚୟରେ ସମାଜରେ ପରିଚିତ ହୋଇଥାଉ ।ଅମୁକ ଲୋକର ପୁଅ ସମୁକ ଲୋକର ଝିଅ ।ପୁଅ ଝିଅ ଠାରୁ ଆରମ୍ଭକରି ଜ୍ୱାଇଁ ନାତି ଭାଇ ଏମିତି ଅନେକ ପରିଚୟ ନେଇ କେହି ନା କେହି ସମାଜରେ ପ୍ରତିଷ୍ଠା ଲାଭ କରିଥାନ୍ତି । ଏସବୁ ପ୍ରତିପତ୍ତି ବା ପ୍ରତିଷ୍ଠିତ ବ୍ୟକ୍ତି ପାଖରେ ଦେଖାଯାଇଥାଏ ।

କିନ୍ତୁ ଆଉ କିଛି ସାଧାରଣ ଲୋକଙ୍କର ଜୀବନଯାପନ ଶୈଳୀ ବା କାର୍ଯ୍ୟ ଅତ୍ୟନ୍ତ ତଳ ସ୍ତରରେ ଥିବାବେଳେ, ଯେଉଁମାନଙ୍କୁ ଲୋକ ଅସମ୍ମାନ କରିଥାନ୍ତି,ତାଙ୍କୁ ସମାଜରେ କୌଣସି ପ୍ରକାରର ପ୍ରତିଷ୍ଠିତ ବ୍ୟକ୍ତି ମଣିଷମାନଙ୍କ ଭିତରେ ଗଣନା ନକରୁଥିବା ସ୍ଥଳେ ସେମାନଙ୍କର ପିଲାମାନେ ଏଭଳି କାର୍ଯ୍ୟ କରିଥାନ୍ତି,ଯାହା କି ବାପାମାଆଙ୍କ ସହିତ ଗାଁ ଏବଂ ଜିଲ୍ଲା ନୂଆ ଏକ ପରିଚୟରେ ପରିଚିତ ହୋଇ ନିଜକୁ ଗର୍ବିତ ଅନୁଭବ କରିଥାଆନ୍ତି । ଏକଥା ଜାଣିରଖିବା ଆବଶ୍ୟକ ଯେ,ନିଜର ପରିବାର ପୋଷିବା ପାଇଁ ସେ କିଛି କାମ କରୁଛି,ତାହା କୃଷିଭିତ୍ତିକ ହୋଇପାରେ,ସୁଇପର,ପାନବାଲା ରିକ୍ସାବାଲା ,ମୋଚି ଏମିତି କେହି ବି । କିନ୍ତୁ ସେମାନେ ଚୋରି କି ଡକାୟତି କରୁନାହାଂନ୍ତି । ଗୋଟିଏ ଓଳି ଖାଇଲେ ଆର ଓଳି ଉପାସ ଭୋକରେ ସମୟ ବିତାଇବା ତାଙ୍କ ପାଇଁ ସାର ହୁଏ । ଲୋକମାନଙ୍କର ଟାହିଟାପରାକୁ ଖାତିର ନକରି ମୁଣ୍ଡଖାଳ ତୁଣ୍ଡରେ ମାରି,ନିଜ ଦୁଃଖ କଷ୍ଟର ଭାରକୁ ମୁଣ୍ଡରେ ମୁଣ୍ଡେଇ, ପିଠିର ଲଦି ସେମାନେ ସବୁ ସ୍ୱପ୍ନ ଦେଖିବା ଭୁଲି ଯାଇଥାନ୍ତି । ହାଡ଼ ଗୋଡ଼ ଚୁନା କରି ଅହରହ ଖଟିଲେ ସେମାନଙ୍କର ପରିବାର ଚଳେ । ଭଲକରି ଖାଇବା, ରହିବା, ପିନ୍ଧିବା, ଶୋଇବା ଏମିତି ଅନେକ ଅବ୍ୟବସ୍ଥା ଭିତରେ ସେ ଘରର ପିଲାମାନେ ଈଶ୍ୱରଙ୍କ ବରପୁତ୍ର ସାଜି ମାଟି ମା’ ଉପରେ ଗର୍ବର ସହିତ ଠିଆ ହେବାର କ୍ଷମତା ରଖି ପାରନ୍ତି ।

ଇଞ୍ଜିନିୟର, ଡାକ୍ତର, ବୈଜ୍ଞାନିକ,ଶିକ୍ଷକ, ଏମିତି ସବୁ ଉଚ୍ଚପଦସ୍ଥ ଅଧିକାରୀ ମାନଙ୍କର ପିଲାମାନେ ନିଜ ବାପା ମାଆଙ୍କ ପରିଚୟରେ ନିଜର ସତ୍ତାକୁ ବୃଦ୍ଧି କରୁଥିବା ସ୍ଥଳେ ଅନ୍ୟପିଲାମାନେ ତାଙ୍କର ପ୍ରଚେଷ୍ଟା ଦ୍ୱାରା ନିଜର, ବାପା ମାଆଙ୍କର ପରିଚୟକୁ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇ ଗୌରବମୟ ଇତିହାସ ସୃଷ୍ଟି କରିଥାନ୍ତି । ଯେଉଁମାନଙ୍କ ବାପା ମାଆ ଦିନେ ବଡ଼ ବଡ଼ିଆଙ୍କ ପାଖରେ ଠିଆ ହେବାର କ୍ଷମତା ନଥାଏ ସେମାନଙ୍କୁ ନିଜର ପିଲାମାନେ ଉଜ୍ୱଳ ଭବିଷ୍ୟତର ଏକ ସୁନ୍ଦର ପରିଚୟ ପ୍ରଦାନ କରିଥାନ୍ତି । ଏହା ନିଜର ଇଚ୍ଛାଶକ୍ତି ଓ ପ୍ରଚେଷ୍ଟା ଦ୍ୱାରା ସମ୍ଭବ ହୋଇଥାଏ । ପାଠପଢ଼ା,ଖେଳ, ନୃତ୍ୟ,ସଙ୍ଗୀତ,ଚିତ୍ରକଳା ଏମିତି ଅନେକ କ୍ଷତ୍ରରେ ପିଲାମାନେ ଖୁବ୍ ନାଁ କରିଅଛନ୍ତି ।

ସେତେବେଳେ ଲୋକ କହିଥାନ୍ତି, ରିକ୍ସାବାଲାର ପୁଅ,ସୁଇପରର ଝିଅ, ଚାଷୀ ମୂଲିଆର ପୁଅ ଏମିତି ନାହିଁ ନଥିବା କଥା କହି ପିଲାମାନର ପରିଚୟ ଦେଇଥାନ୍ତି । ଏସବୁ ଗୋଟିଏ ନିମ୍ନ ମାନସିକତା ବୋଲି ଧରିନେବା ଉଚିତ ।

ପ୍ରଶ୍ନ ଉଠେ, କ’ଣ ଜଣେ ଦିନ ମଜୁରିଆର ମଣିଷ ନୁହଁନ୍ତି ନା ତାଙ୍କର ପୁଅ, ଝିଅ କ’ଣ ମଣିଷ ନୁହଁନ୍ତି । ତା’ହେଲେ ଏମିତି ପରିଚୟ ଦେଇ ଯେତେବେଳେ ସମାଜ ଆଗରେ ପିଲାକୁ ପରିଚିତ କରାଯାଉଥିବ ସେତେବେଳେ ସେ ପିଲାଟିର ମାନସିକତାକୁ କେତେ ଆଘାତ ଲାଗୁଥିବ ଏକଥା ଥରେ କେହି ଭାବିଛନ୍ତି କି ?

ବରଂଚ ସାଧାରଣ ପରିବାରର ପିଲାମାନେ ନାନା ପ୍ରକାରର ଅସୁବିଧାରେ ସମ୍ମୁଖୀନ ହୋଇ ମଧ୍ୟ ଅକ୍ଳାନ୍ତ ପରିଶ୍ରମ ବଳରେ ବାପାମା’ଙ୍କର, ଶିକ୍ଷାନୁଷ୍ଠାନର, ଗାଆଁ ଓ ଜିଲ୍ଲାର ମାନ୍ୟତା ବୃଦ୍ଧି କରିପାରନ୍ତି ।ସେ ସ୍ଥାନରେ ବଡ଼ ଲୋକମାନଙ୍କର ପିଲାମାନେ ବାପାମାଆଙ୍କର ଅପର୍ଯ୍ୟାପ୍ତ ଅର୍ଥ ବଳରେ ନିଜର ନାଁ କମେଇ ଥାନ୍ତି ଏବଂ ବିଭିନ୍ନ ପ୍ରକାରର ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ପରିଚୟକୁ କଦର୍ଯ୍ୟ ରୂପ ଦେଇଥାନ୍ତି ।

ତେଣୁ ପରିଚୟ ଏକ ଏମିତି ଶବ୍ଦ ସେ କାହାକୁ କେତେବେଳେ ନେଇ କେଉଁଠି ଠିଆ କରାଏ ଏହା କାହାକୁ ଜଣା ନଥାଏ ।

ପିଲାମାନଙ୍କ ପରିଚୟରେ ବାପାମାଆ ନିଜକୁ ପରିଚିତ କରି ବହୁତ ଖୁସି ଅନୁଭବ କରୁଥିବାର ନଜିର ଅଛି । କେବଳ ବଡ଼ ଲୋକମାନଙ୍କର ପିଲାମାନେ ନୁହଁନ୍ତି ସାଧାରଣ ବର୍ଗର ଲୋକମାନେ ସମ୍ମାନର ସହିତ ନିଜର ପ୍ରତିଭା ବଳରେ ପରିଚୟ ସୃଷ୍ଟି କରିପାରିଛନ୍ତି । ଏହା ସବୁ କ୍ଷେତ୍ରରେ ଦେଖିବାକୁ ମିଳିଥାଏ ।ତେଣୁ ଯେତେବେଳେ କାହାକୁ ଅନ୍ୟ ଆଗରେ ପ୍ରତିପାଦନ କରାଯାଉଛି ତାହାକୁ ଧ୍ୟାନ ଦେବା ଆବଶ୍ୟକ । ବାରମ୍ବାର ଜଣେ ଚାଷୀ ମୂଲିଆ,ସୁଇପର,ପାନବାଲା, ରିକ୍ସାବାଲା ଏମିତି ପରିଚୟ ଦେଇ କାହାକୁ କଷ୍ଟ ନଦେବା ଭଲ । ସମସ୍ତେ ମଣିଷ ଆଉ ସମସ୍ତଙ୍କର ସମ୍ମାନର ସହିତ ବଞ୍ଚିବାର ଅଧିକାର ଅଛି ।ଯଦି ଜଣେ ଚାଷୀ ମୂଲିଆ ସୁଇପର ପାନବାଲା ରିକ୍ସାବାଲା ଅଟୋ ଚାଳକ ଏମାନେ ନଥାନ୍ତେ ବା ସେମାନେ କାର୍ଯ୍ୟ କରୁନଥାନ୍ତେ ତା’ହେଲେ ବଡ଼ବଡ଼ିଆ କ’ଣ ବଞ୍ଚି ରହିପାରିବେ । ନିଜକୁ ଥରେ ପଚାରିଲେ ପ୍ରକୃତରେ ଏମାଟି ଉପରେ କାହାର ପରିଚୟ ବଡ଼ ।

ପ୍ରତିପତ୍ତି ଥିବା ମଣିଷମାନଙ୍କର ନା ସାଧାରଣ ଖଟିଖିଆ ମଣିଷମାନଙ୍କର ! ସେମାନେ ସୃଷ୍ଟି କରନ୍ତି ’ପରିଚୟ’ ।ଏବେ ଆପଣ କୁହନ୍ତୁ, ଠିକ୍ କେଉଁଟା ଆଉ ଭୁଲ୍ କେଉଁଟା !

ବାରିପଦା,ମୟୂରଭଞ୍ଜ
୮୯୧୭୫୭୧୨୦୨



# ସଶକ୍ତ ନାରୀ

ଡଃ ବାସନ୍ତୀ ମହାନ୍ତି

**ଦିଲ୍ଲୀର ଗଣଦୁଷ୍କର୍ମ ମାମଲା ହେଉ ଅବା ଓଡ଼ିଶାର ଅତୀତରେ ବିଲୁଆ ଖାଇ ନଦୀ ପଠାରେ ଦୁଷ୍କର୍ମ ଓ ହତ୍ୟା ହେଉ। ସବୁଠି ନାରୀଟିଏକୁ ଅକଥନୀୟ ଅତ୍ୟାଚାର ସହିବାକୁ ପଡ଼ିଛି। ଅନେକ ସମୟରେ ଏ ଘଟଣାକୁ ନେଇ ପୁରୁଷଙ୍କୁ ବି ଦାୟୀ କରାଯାଇଛି। ଭୁଲ ଓ ଠିକର ଅନ୍ତରାଳରେ ନାରୀ ସଶକ୍ତ କି ନୁହେଁ, ତାହାର ଏକ ପ୍ରଶ୍ନବାଚୀ ମଧ୍ୟ ମଝିରେ ଛିଡ଼ା ହୋଇଛି। ସାମୀ ସାମ୍ନାରେ ଛବିରାଣୀକୁ ଯେଉଁପରି ନୃଶଂସ ଭାବରେ ଦୁର୍ବୃତ୍ତମାନେ ଗଣଦୁଷ୍କର୍ମ ଓ ହତ୍ୟା କରିଥିଲେ ତାହା କଳଙ୍କର ବିନ୍ଦୁଟିଏ ହୋଇ ଇତିହାସ ପୃଷ୍ଠାରେ ରହିଯାଇଛି। ସ୍ତ୍ରୀଟି ଦୁର୍ବୃତ୍ତଙ୍କ କବଳରେ କବଳିତ ହୋଇ ମୃତ୍ୟୁ ସହ ଲଢୁଥିବା ବେଳେ ପୁରୁଷ ଏକ ବୁଦା ମୂଳରେ ଆତ୍ମଗୋପନ କରିଥିଲା। ଏ ଆତ୍ମଗୋପନ ମୂଳରେ ଅନ୍ୟ ଏକ କାରଣ ଥିଲା। ପୀଡ଼ିତା ଛବିରାଣୀର ଅନୁରୋଧରେ ଶିଶୁପୁତ୍ରକୁ ବଞ୍ଚାଇବା ପାଇଁ ପୁରୁଷଟି ଏପରି କାପୁରୁଷ ପରି ବ୍ୟବହାର କରିଥିଲା। ତଥାପି ଏହାକୁ ସମସ୍ତେ ସହଜ ଭାବରେ ଗ୍ରହଣ କରି ନଥିଲେ। ନିର୍ଭୟା କ୍ଷେତ୍ରରେ ପୁରୁଷ ବନ୍ଧୁକୁ ଦୁର୍ବୃତ୍ତମାନେ ବାନ୍ଧି ଦେଇ ନିର୍ଭୟାକୁ ଦୁଷ୍କର୍ମ ଓ ହତ୍ୟା କରିଥିଲେ; କିନ୍ତୁ ଭରତପୁର ଥାନାରେ ଘଟିଯାଇଥିବା ଘଟଣାରେ ପୀଡ଼ିତା ଅସାମାଜିକମାନଙ୍କୁ ସମ୍ମୁଖୀନ ହେଉଥିବା ବେଳେ ପୁରୁଷଟି ନୀରବ ଦର୍ଶକ ସାଜିଥିବା ସାମାଜିକ ଗଣମାଧ୍ୟମରେ ପରିଲକ୍ଷିତ ହେଉଥିଲା। ପୁରୁଷ ଜଣକ ଆର୍ମି ବିଭାଗରେ ଚାକିରୀ କରନ୍ତି ବୋଲି ଗଣମାଧ୍ୟମରୁ ସୂଚନା ମିଳିଛି। ଆତ୍ମରକ୍ଷା କୌଶଳ ସହ ଅପରକୁ ସୁରକ୍ଷା ଦେବାର ବିଦ୍ୟା ତାଙ୍କୁ ନିଶ୍ଚୟ ଜଣାଥିବ। ଅସାମାଜିକ ଦୁର୍ବୃତ୍ତମାନଙ୍କ କବଳରେ ଜଣେ ମହିଳାଙ୍କୁ ରକ୍ଷା କରିବା ପାଇଁ କୌଣସି ପ୍ରକ୍ରିୟା ତାଙ୍କ ତରଫରୁ ନେବାର କୌଣସି ଠାରେ ପରିଲକ୍ଷିତ ହେଉ ନଥିଲା, ବରଂ ଝିଅଟି ପାରୁପର୍ଯ୍ୟନ୍ତ ସେମାନଙ୍କ ଠାରୁ ନିଜକୁ ରକ୍ଷା କରିବା ପାଇଁ ସାହସିକତା ପ୍ରଦର୍ଶନ କରୁଥିଲା।**

**ଏଠାରେ ନାରୀକୁ ଦୁର୍ବଳା, ଅସହାୟା, ଅରକ୍ଷଣୀୟା ବୋଲି କୁହାଯାଉନାହିଁ। ନାରୀ ଖୁବ୍ ସଶକ୍ତ। ବୁଦ୍ଧି, ବିଦ୍ୟା, ଜ୍ଞାନ, ଗାରିମା, ବିସ୍ତର, ବିବେକ କୌଣସିଟିରେ ସେ ପୁରୁଷ ଠାରୁ ଊଣା ନୁହେଁ। ଅନ୍ତଃପୁରରୁ ଅନ୍ତରୀକ୍ଷ ଯାଏ, ରାନ୍ଧଣା ଶାଳରୁ ରଣକ୍ଷେତ୍ର ପର୍ଯ୍ୟନ୍ତ ସବୁଠାରେ ସେ ନିଜର ପାରଦର୍ଶିତା ପ୍ରଦର୍ଶନ କରିସାରିଲାଣି।**

ତା’ର ପରିଧି ଭିତରୁ ବାହାରକୁ ଆସି ସାରିଲାଣି। ସେ ଆଉ କେବଳ ଗୃହଲକ୍ଷ୍ମୀ ହୋଇନାହିଁ। ସେ ଦେଶ ଲକ୍ଷ୍ମୀ ଓ ସମାଜ ଲକ୍ଷ୍ମୀ ହୋଇସାରିଲାଣି। ଦେଶର ଆର୍ଥିକ ବିକାଶ, ରାଜନୈତିକ ନିଷ୍ପତ୍ତି, ସମାଜ ନିର୍ମାଣ ପ୍ରକ୍ରିୟା ଆଦିରେ ସେ ସକ୍ରିୟ ଅଂଶ ଗ୍ରହଣ କରିସାରିଲାଣି। ଅତୀତରେ ତା’ ପାଇଁ ସମାଜ ଯେଉଁ ସୀମିତ କ୍ଷେତ୍ରର ବ୍ୟବସ୍ଥା କରିଥିଲା ସେ କ୍ଷେତ୍ର ଅତିକ୍ରମ କରିବା ପାଇଁ ତାକୁ ଖୁବ୍ ସଂଘର୍ଷ କରିବାକୁ ପଡ଼ିଲା। ଏବେ ଆଉ ସେ ନ୍ୟୁନବୋଧତାର ଶିକାର ହୋଇ ରହିନାହିଁ। ସମଗ୍ର ପୃଥିବୀ ଏବେ ତା’ର ବିଚକ୍ଷଣ କ୍ଷେତ୍ରର ପରିସୀମା; କିନ୍ତୁ ପୁରୁଷ ତା’ କ୍ଷେତ୍ରରୁ ପାଦେ ବି ଆଗକୁ ଯିବା ପରି ଅନୁଭୂତ ହେଉନାହିଁ। ପ୍ରାଚୀନ ଯୁଗ ହେଉ କି ମଧ୍ୟଯୁଗ ନାରୀମାନଙ୍କ ପ୍ରତି ତା’ର ଯେଉଁ ମାନସିକତା ରହିଥିଲା ଏବେ ମଧ୍ୟ ସେଥିରେ ସେମିତି କିଛି ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ପୁରୁଷ ବୋଲି ତା’ର ଯେଉଁ ଗର୍ବ, ଦମ୍ଭ ଓ ଅଭିମାନ, ତାହା ଏ ପର୍ଯ୍ୟନ୍ତ ସୁଦ୍ଧା ଅକ୍ଷୁଣ୍ଣ ଅଛି ଓ ତାହା ମହିଳାମାନଙ୍କ ପାଇଁ ଅସହ୍ୟ ଯନ୍ତ୍ରଣାଦାୟକ ହେଉଛି। ସେ ଅସୁରକ୍ଷିତ ମଣୁଛି। ତତ୍କାଳୀନ ସମାଜ ପତିମାନେ ନାରୀକୁ ଅସୂର୍ଯ୍ୟଂପଶ୍ୟା କରି ରଖିଥିଲେ କେବଳ ପୁରୁଷର କାମୁକ ଦୃଷ୍ଟିରୁ ତାକୁ ସୁରକ୍ଷା ଦେବା ପାଇଁ। ତାହା ବିଦେଶୀ ମଣିଷମାନଙ୍କର ଲୋଲୁପ ଦୃଷ୍ଟି ହେଉ କିମ୍ବା ଦେଶୀୟ କାମୁକ ପୁରୁଷର ଦୃଷ୍ଟି ହେଉ। ସେମାନଙ୍କୁ ଶିକ୍ଷା ଦୀକ୍ଷାରୁ ବଞ୍ଚିତ କରାଯାଉଥିଲା। ସତୀତ୍ୱର ସୁରକ୍ଷା ତା’ ଜୀବନର ଶ୍ରେଷ୍ଠତମ ବ୍ରତ ବୋଲି ଶିକ୍ଷା ଦିଆଯାଉଥିଲା। ପତିକୁ ପରମଗୁରୁ ବୋଲି ଦର୍ଶାଇ ଦିଆଯାଇଥିଲା। ପତି ଥିଲା ତା’ର ହର୍ତ୍ତାକର୍ତ୍ତା ଓ ଦଇବ ବିଧାତା। ପାପ ପୁଣ୍ୟର ଭୟ ପ୍ରଦର୍ଶନ କରି ନାରୀକୁ ଅନ୍ଧବିଶ୍ୱାସୀ କୁସଂସ୍କାରୀ କରିଦିଆଯାଇଥିଲା। ଶିକ୍ଷାଦୀକ୍ଷାର ଅଭାବରୁ ସେହି ନ୍ୟୁନବୋଧତା ଓ ହୀନମନ୍ୟତା ଭିତରେ ସଢୁଥିଲା ନାରୀ। ବାଲ୍ୟ ବିବାହ ତ ପ୍ରଚଳନ ଥିଲା, ସେହି ବାଲ୍ୟାବସ୍ଥାରେ ଯଦି କେହି ବିଧବା ହୋଇଯାଉଥିଲା, ତେବେ ତାକୁ ସେହି ପରଲୋକଗତ ସ୍ୱାମୀକୁ ଆସନ୍ତା ସାତଜନ୍ମ ପର୍ଯ୍ୟନ୍ତ ପାଇବା ପାଇଁ ଉପାସ ବ୍ରତ କରି ତପଃ ନିଷ୍ଠ ଜୀବନ ବଞ୍ଚୁଥିଲା। କାରଣ ସ୍ୱାମୀ ତା’ର ପରମପତି। ଏ ମାନସିକତାରୁ ନାରୀ ଏବେ ମୁକ୍ତି। ସେ ଏବେ ସ୍ୱାଧୀନ ଭାବରେ ଚିନ୍ତା କରିପାରୁଛି। ସ୍ୱାମୀ ତା’ ପାଇଁ ଆଉ ସାତଜନ୍ମର ଗତିମୁକ୍ତି ନୁହେଁ। ବନ୍ଧୁ। ସହଯାତ୍ରୀ। ସେ ନିଜେ ନିଜର ତ୍ରାଣକର୍ତ୍ତା, ଆଶ୍ରିତା ନୁହେଁ କି, ତା’ର ମଧ୍ୟ





ସାମାଜିକ ଦାୟିତ୍ୱ ରହିଛି । ସେ ଏ ଚୁକ୍ତି ଭିତରର ମଣିଷ ନୁହେଁ । ଏବେ ପୁରୁଷଙ୍କ କ୍ଷେତ୍ରକୁ ଆସିବା । ପୁରୁଷ ଦୃଷ୍ଟିରେ ନାରୀ ଏବେ ବି ଅବଳା ଦୁର୍ବଳା ଅସହାୟ । ତା’ର ରକ୍ଷଣାବେକ୍ଷଣ ଆବଶ୍ୟକ । ସେ ଯେତେ ପାଠଶାଠ ପଢୁନା କାହିଁକି, ହାତରେ ଯେତେ ବଡ଼ ବଡ଼ ଡିଗ୍ରୀ ଥାଉନା କାହିଁକି ସେ ସ୍ତ୍ରୀ ଲୋକ । ପୁରୁଷର ସେବାକାରୀ । ପୁରୁଷର ଆଜ୍ଞାକାରୀ । ଯେତେ ଯୋଗ୍ୟା ହେଉନା କାହିଁକି, ସେ ପୁରୁଷର ଭୋଗ୍ୟା । ନାରୀ ପଦପଦବୀ, କ୍ଷମତା, ଦକ୍ଷତା ପ୍ରତିଭା ମେଧାର ମୂଲ୍ୟ କିଛି ନୁହେଁ ତା’ ପାଖରେ । ତା’ର ଶାରୀରିକ ମାନଚିତ୍ର ହିଁ ତା’ ପାଇଁ ବଡ଼କଥା । ପ୍ରଥମେ ନାରୀକୁ ସୁନ୍ଦର ଅସୁନ୍ଦର ଭିତ୍ତିରେ ପରିଗଣିତ କରେ । ସାଙ୍ଗସାଥୀମାନଙ୍କ ମଧ୍ୟରେ ଦ୍ୱିଧାରୋଚକ ଓ ଶ୍ରୁତିରୋଚକ ଚର୍ଚ୍ଚା କରେ । ସେଇ ନାରୀ ପାଖରେ ନିଜକୁ ସମକକ୍ଷ କରି ନପାରିବାର ନ୍ୟୁନବୋଧତାର ପାର୍ଶ୍ୱ ପ୍ରତିକ୍ରିୟା ପ୍ରଦର୍ଶନ କରେ । ନିକଟ ଅତୀତରେ ଡ୍ରାଇଭରଟିଏ ଗାଡ଼ି ମାଲିକାଣୀ ଉପରେ ଦୁଷ୍କର୍ମ କରିବା ଅଭିଯୋଗ ହୋଇଥିଲା । ମହିଳା ପିଅନ ଚପରାଶି ପାଖରୁ ଅଫିସର ପର୍ଯ୍ୟନ୍ତ । ଏପରିକି ମହିଳା ମିଲିଟାରୀ ଅଫିସରମାନେ ମଧ୍ୟ ପୁରୁଷର ଏ ମାନସିକତାର ଶିକାରରୁ ମୁକ୍ତି ନୁହଁନ୍ତି ।

ନାରୀର ଯାତ୍ରା ଏବେ ଦିଗନ୍ତ ବିସ୍ତାରୀ । ତା’ର ଚିନ୍ତା ଚେତନା ଓ ଗତି ମୁକ୍ତି ସମାଜକୁ ନୂତନ ଦିଶା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ତଥାପି ସେ କ’ଣ ଖାଇବ ନ ଖାଇବ, କ’ଣ ପିନ୍ଧିବ ନ ପିନ୍ଧିବ ସେ ସମ୍ପର୍କରେ ବୃଥା ମତ ମନ୍ତବ୍ୟ ଶୁଣିବାକୁ ମିଳୁଛି । ପୁରୁଷ ଯେଉଁ କ୍ଷେତ୍ରମାନଙ୍କରେ ସ୍ୱଚ୍ଛନ୍ଦ ବିଚରଣ କରୁଛି, ନାରୀ ସେ କ୍ଷେତ୍ରକୁ ଗଲେ ତାକୁ ଅନେକ ଦୁର୍ଘଟଣାର ଶିକାର ହେବାକୁ ପଡୁଛି । ସେଥିପାଇଁ ତ ମହାତ୍ମାଗାନ୍ଧି ଦେଶର ସ୍ୱାଧୀନତା ପ୍ରସଙ୍ଗରେ କହିଥିଲେ, ରାଜନୈତିକ ସ୍ୱାଧୀନତା ପ୍ରାପ୍ତି ହୋଇଗଲେ ଗୋଟିଏ ଦେଶ ସ୍ୱାଧୀନ ହୋଇଯାଏ ନାହିଁ । ମଣିଷ ସେତିକିବେଳେ ମୁକ୍ତି ହୁଏ, ଯେତେବେଳେ ସେ ତା’ର ଦାସତ୍ୱ ମାନସିକତାରୁ ମୁକ୍ତ ହୁଏ, ଆର୍ଥିକ ବନ୍ଧନରୁ ମୁକ୍ତ ହୁଏ । ନାରୀଟିଏ ମଧ୍ୟ କୌଣସି ସାମାଜିକ ରୂପ ଆଗରେ ମୁଣ୍ଡ ନୁଆଁଇଛି । ନିଜକୁ ଆକର୍ଷଣୀୟ କରିବା ପାଇଁ ଗଦାଏ ଗହଣାଗାଣ୍ଠିରେ ସଜ୍ଜିତ ହେବା ମାନସିକତାରୁ ମୁକ୍ତ ନହୋଇଛି । ସେ କହୁଥିଲେ ଯେତେଦିନ ପର୍ଯ୍ୟନ୍ତ ନାରୀଟିଏ କଣ୍ଢେଇଟିଏ ପରି ସଜେଇ ହୋଇ ପୁରୁଷ ପାଖରେ ନିଜକୁ ଉପସ୍ଥାପନା କରୁଥିବ ସେ ପର୍ଯ୍ୟନ୍ତ ନାରୀ ଦୁର୍ବଳ ହୋଇ ରହିଥିବ ଓ ପୁରୁଷର ଲୋଲୁପ ଦୃଷ୍ଟିର ଶିକାର ହେଉଥିବ । ଏହିପରି ବକ୍ତବ୍ୟଟିଏ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମ ସରଳାଦେବୀ ମଧ୍ୟ ଦିନେ ମାହାତ୍ମାଗାନ୍ଧିଙ୍କୁ କହିଥିଲେ । ମହାତ୍ମାଗାନ୍ଧି ସରଳାଦେବୀଙ୍କ ଏହି



ନିର୍ଭୀକ ବକ୍ତବ୍ୟ ପାଇଁ ପ୍ରଶଂସା କରିଥିଲେ ଓ ଏହାକୁ ହରିଜନ ପତ୍ରିକାରେ ମଧ୍ୟ ସ୍ଥାନ ଦେଇଥିଲେ । ସରଳାଦେବୀ ତାଙ୍କୁ କହିଥିଲେ, ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ୯୦ ପ୍ରତିଶତ ପୁରୁଷଙ୍କର ନାରୀମାନଙ୍କ ପ୍ରତି ଲାଳସାପୂର୍ଣ୍ଣ ମାନସିକତା ରହିଛି । ଏଥିରୁ ସେମାନଙ୍କୁ ମୁକ୍ତ କରିବା ପାଇଁ ମହାତ୍ମାଗାନ୍ଧି ମଧ୍ୟ ଚେଷ୍ଟା କରିଥିଲେ । ସେମାନଙ୍କ ଜୀବନଧାରା ତାଙ୍କ ପ୍ରଦର୍ଶିତ ଏକାଦଶ ବ୍ରତ ଦ୍ୱାରା ଅନୁପ୍ରାଣିତ କରିବା ପାଇଁ ମଧ୍ୟ ନିବେଦନ କରିଥିଲେ । ମହାତ୍ମାଗାନ୍ଧି ଏ ପ୍ରସଙ୍ଗରେ କହିଥିଲେ, ଯେଉଁଦିନ ନାରୀଟିଏ ରାତି ଅଧରେ ନିର୍ଭୟରେ ରାସ୍ତାରେ ଯାତାୟାତ କରିପାରିବ, ସେହିଦିନ ହିଁ ଦେଶ ସ୍ୱାଧୀନ ହୋଇଛି ବୋଲି ଗ୍ରହଣ କରାଯିବ ।

ରାସ୍ତା ସମସ୍ତଙ୍କର । ସେଥିରେ ଯାତାୟାତ କରିବାର ଅଧିକାର ମଧ୍ୟ ସମସ୍ତଙ୍କର ରହିଛି । ନିହାତି ଆବଶ୍ୟକସ୍ଥଳେ ଯେପରି ଔଷଧ କିଣିବା, ରାସ୍ତାରେ କେହି ଅସୁବିଧାରେ ପଡ଼ିଥିଲେ ସାହାଯ୍ୟ ସହାୟତା ପାଇଁ ବାହାରକୁ ଆସିବା ପରି ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ନାରୀଟିଏ ନିର୍ଭୀକରେ ରାସ୍ତାରେ ଆସିବାରେ କିଛି ଅସୁବିଧା ନାହିଁ । ପୁରୁଷମାନେ ମଧ୍ୟ ଶିକ୍ଷା କରନ୍ତୁ ଯେ, ରାସ୍ତାରେ ପୁରୁଷଙ୍କ ପରି ନାରୀଟିର ମଧ୍ୟ ଯେକୌଣସି ମୁହୂର୍ତ୍ତରେ ବାହାରକୁ ଆସିବାର ଅଧିକାର ଅଛି । ପୁରୁଷ ଭକ୍ଷକ ନୁହେଁ, କି ନାରୀ ଭକ୍ଷ୍ୟ ନୁହେଁ, ପୁରୁଷ ଶିକାରୀ ନୁହେଁ କି ନାରୀ ଶିକାର ନୁହେଁ । ଏପରି ମାନସିକତା ଦୂରୀକରଣ ନକରିବା ପର୍ଯ୍ୟନ୍ତ ନାରୀର ମୁକ୍ତି ନାହିଁ କିମ୍ବା ନାରୀ ପୁରୁଷ ମଧ୍ୟ ମିଳିତ ଭାବରେ ସମାଜ ଗଠନ କରିବା ସମ୍ଭବ ନୁହେଁ ।

ପୁରୁଷମାନଙ୍କ ସହ ପ୍ରତିଯୋଗିତା ଅର୍ଥ ନୁହେଁ ଯେ ଅର୍ଦ୍ଧ ରାତ୍ରିରେ ନିଶାସକ୍ତ ଅସାମାଜିକ ପୁରୁଷମାନେ ଯେଉଁ କାର୍ଯ୍ୟରେ ଲିପ୍ତ ରହନ୍ତି, ନାରୀ ମଧ୍ୟ ଘରଛାଡ଼ି ରାସ୍ତାରେ ଏପରି ସୌଖୀନ ବିଳାସ କରିବ । ମହାତ୍ମାଗନ୍ଧି ଆଣ୍ଠୁ ନ ଲୁଚୁ କଟି ବସ୍ତ୍ର ପିନ୍ଧି ଖୋଲା ଦେହରେ ବୁଲୁଥିଲେ । ମହିଳାମାନେ ଆଦୌ ସେପରି କରିପାରିବେ ନାହିଁ । ପ୍ରକୃତି ହିଁ ନାରୀକୁ ପୁରୁଷ ଠାରୁ କେତେକ କ୍ଷେତ୍ରରେ ସ୍ୱତନ୍ତ୍ର କରି ରଖିଛି, ସେ ସ୍ୱତନ୍ତ୍ରତା ହିଁ ତା’ର ଗୌରବ । ସେ ସେମିତି ସ୍ୱତନ୍ତ୍ର ହୋଇ ରହିଥାଉ । ତା’ର ନମ୍ର କୋମଳ ହୃଦୟରେ ବିଧି ଅସୀମ ବାତ୍ସଲ୍ୟ ମମତା ଭରି ଦେଇଛନ୍ତି । ତା’ ବକ୍ଷରେ ଅମୃତଧାରା ଖଞ୍ଜି ଦେଇଛନ୍ତି । ଗୋଟିଏ ଶିଶୁକୁ ଗର୍ଭରେ ଧାରଣ କରିବା, ପ୍ରସବ ଜନିତ ଯନ୍ତ୍ରଣା ସହିବା ଶକ୍ତି ସହ ତା’ ଅଙ୍ଗରେ ମଧ୍ୟ ଯଥେଷ୍ଟ କୋମଳତା ଭରି ଦେଇଛନ୍ତି । କୋମଳାଙ୍ଗୀ ହେଲେ ହେଁ ଶିଶୁ ସନ୍ତାନଟିକୁ ସେ ସହଜ ଭାବରେ କୋଳରେ ଧାରଣ କରି ତା’ର ଲାଳନପାଳନ କରିପାରିବ । ମାନସିକ ସ୍ତରରେ ନାରୀ ପୁରୁଷମାନଙ୍କ ଅପେକ୍ଷା ଖୁବ୍ ଶକ୍ତିଶାଳୀ । ଖୁବ୍ ଦୃଢ଼ । ପରିଚାଳନାରେ, କଷ୍ଟ ସହିବାରେ, ଏକ ସଙ୍ଗେ ଅନେକ ଦାୟିତ୍ୱ ବହନ କରିବାରେ ପୁରୁଷ ତା’ ସହ ସମକକ୍ଷ ହୋଇପାରିବ ନାହିଁ । ସେ ଖୁବ୍ ଦକ୍ଷା, ବିଚକ୍ଷଣା; କିନ୍ତୁ ଯେଉଁ ଅଂଶଟି ତା’ର ପୁରୁଷମାନଙ୍କ ଅପେକ୍ଷା ଦୁର୍ବଳ ସେହି ଦୁର୍ବଳ ଶରୀର ନେଇ କୌଣସି ବିପଦଜନକ କ୍ଷେତ୍ରକୁ ଆହ୍ୱାନ କରିବା ସ୍ପୃହଣୀୟ ନୁହେଁ । ଏବେ ବିଦ୍ୟାଳୟ ତ ମହାବିଦ୍ୟାଳୟ ସ୍ତରରେ ସେମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯାଉଛି । ତାହା ସାଧାରଣ କ୍ଷେତ୍ର ପାଇଁ ଠିକ୍; କିନ୍ତୁ ଅର୍ଦ୍ଧରାତ୍ରିରେ ଏକାଧିକ ଅସାମାଜିକ ବ୍ୟକ୍ତିଙ୍କୁ ଆହ୍ୱାନ ଦେବା ନିଶ୍ଚୟ ନିଜ ପାଇଁ ବିପଦ ବରଣ କରି ଆଣିବ ।

ଏବେ ଆମେ ସମସ୍ତେ ଏମିତି ଏକ ପରିସ୍ଥିତିରେ ପହଞ୍ଚିଛୁ କେହି କାହାର ଦୋଷ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନୋହୁଁ । ସରକାର ମଦ ବାର୍ ରାତିସାରା ଖୋଲା ରଖିଲା ଓ ପୁରୁଷମାନେ ମଦ ପିଉଛନ୍ତି । ତେଣୁ ଆମେ ବି ପିଇବୁ, ଆଇନଗତ ଯୁକ୍ତି ପାଇଁ ଏହା ଠିକ୍ । ଆମେ ଥାନା ଅଧିକାରୀ, ଥାନା ଆମର । ତେଣୁ ଆମେ ନାଇଟି ପିନ୍ଧି ବସିବୁ କି ବିକିନି ପିନ୍ଧି ବସିବୁ, ଏପରି ଅଯୌକ୍ତିକ ଯୁକ୍ତି ମଧ୍ୟ ଆମ ପାଖରେ ଅଛି । ଆମ ହାତରେ କ୍ଷମତା ଅଛି, ଯାହାକୁ ଇଚ୍ଛା ହେଲା ତାକୁ ବାଡ଼େଇ ସାବାଡ୍ କରିବୁ, ଏମିତି ଅଧିକାର ମଧ୍ୟ କାହାକୁ ମିଳି ନାହିଁ । ସମସ୍ତଙ୍କ ପାଇଁ ଆଇନ୍ କାନୁନ୍ ରହିଛି । ସାମାଜିକ ପ୍ରଥା ପରମ୍ପରା ରହିଛି । ସମ୍ଭ୍ରମତା, ସଂସ୍କାରଶୀଳତା








ରହିଛି। ପୁରୁଷ ସହ ସମକକ୍ଷ ହେବା ଅର୍ଥ ଆଦୌ ନୁହେଁ ଯେ ସେମାନଙ୍କ ପରି ଆମେ ମଧ୍ୟ ମଦପିଇ ମାତାଲ ହେବା। ପୁରୁଷ ସହ ସମକକ୍ଷ ହେବା ପାଇଁ ଅନେକ କ୍ଷେତ୍ର ରହିଛି। ସେସବୁ କ୍ଷେତ୍ରରେ ଦକ୍ଷତା ହାସଲ କରିସାରି ସୁଦ୍ଧା ପୁରଷ ସହ ପ୍ରତିଯୋଗୀ ନୁହେଁ, ସହଯୋଗୀ ଓ ସହଭାଗୀ ହୋଇ ଯାତ୍ରା କଲେ ମାନବ ଜୀବନ ଯାତ୍ରା ସଫଳ ହେବ। ଅନୁଗାମୀ କିମ୍ବା ଅଗ୍ରଗାମୀ ନୁହେଁ। ସହବନ୍ଧିତ ହୋଇ ଆଗକୁ ଯାତ୍ରା କଲେ ଆହୁରି ଅନେକ ଅକଲ୍ୟାଣକାରୀ ଅଘଟଣରୁ ଆମେ ମୁକ୍ତି ପାଇପାରିବା।



ନାରୀ ସଶକ୍ତ ହେବା ପଛରେ ମନୋବଳ ସଶକ୍ତ କରିବା ମଧ୍ୟ ଅପରିହାର୍ଯ୍ୟ। ନାରୀ ନିଜକୁ ଅବଳା କି ଦୁର୍ବଳା ଭାବିବା ଅନୁଚିତ। ଯଦି ସବୁ କ୍ଷେତ୍ରରେ ଜଣେ ନାରୀ ଆଗରେ ରହିପାରୁଛି, ନିଜ ସୁରକ୍ଷା କ୍ଷେତ୍ରରେ ମଧ୍ୟ ସେତିକି ଆଗଭର ହେବାର ଆବଶ୍ୟକତା ରହିଛି। ପୁରୁଷ ପ୍ରଧାନ ସମାଜରେ ନାରୀକୁ କେବଳ ମାନସିକ ଭାବରେ ଦୁର୍ବଳା କରାଯାଉନାହିଁ ବରଂ ନିଜକୁ ସେତିକି ଦକ୍ଷ କରିବାର ଆବଶ୍ୟକତା ରହିଛି। ସଶକ୍ତ ନୁହେଁ କେବଳ ପୁରୁଷଙ୍କୁ ସାମ୍ନା କରିବା କିମ୍ବା ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ପ୍ରତିହତ କରିବା। ଯେକୌଣସି ପରିସ୍ଥିତିରେ ଯେଉଁ ସମସ୍ୟା ଆସିଲେ ବି ନିଜର ଦୃଢ଼ ମନୋବଳ ଦ୍ୱାରା ସମାଧାନ କରିବା ହିଁ ନାରୀ ସଶକ୍ତର ଉଦାହରଣ।

ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ
ବ୍ଲକ୍ ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର-୬
ମୋ: ୯୪୩୭୦୩୩୦୭୪

## ମନକୁ ଆସିଲା ଯାହା ୭୦

# ଅଭିନେତାରୁ ରାଜନେତା



ସୌମ୍ୟଶ୍ରୀ ପାଣିଗ୍ରାହୀ

ମୁଁ ଅନେକ ଥର ଭାବିଛି, ରାଜନୈତିକ ଆଲେଖ୍ୟ ଲେଖିବି ନାହିଁ। ମାତ୍ର ଆଜି ଏମିତି ଏକ ସ୍ଥିତି ଆସି ପହଞ୍ଚିଛି, ମୁଁ ସିଧାସଳଖ ରାଜନୀତି ନହେଲେ ବି ଅଳ୍ପବହୁତ ରାଜନୈତିକ ତର୍କ କରିବାକୁ ବାଧ୍ୟ। ଗତ ସପ୍ତାହରେ ଭାରତର ୫ ଟି ରାଜ୍ୟର ନିର୍ବାଚନ ପରିଣାମ ଆସିବା ପରେ ଦକ୍ଷିଣ ଭାରତରେ, ବିଶେଷ କରି ତାମିଲନାଡୁରେ ଅଭିନେତା ବିଜୟଙ୍କ ନବନିର୍ମିତ ଦଳ "ତାମିଲଗା ଭେଟ୍ରି କାଜଘମ" (ସଂକ୍ଷେପରେ ଟିଭିକେ) ସରକାର ଗଢିଛି। ଯଦିଓ ସିନେତାରକା ମାନଙ୍କର ରାଜନୀତିକୁ ଲମ୍ଫ ପ୍ରଦାନ ଆଦୌ ନୂଆ କଥା ନୁହେଁ, ତଥାପି ଉତ୍ତର ଭାରତ ଅପେକ୍ଷା ଦକ୍ଷିଣ ଭାରତରେ ଏହି ଧାରା ଅଧିକ ଦେଖିବାକୁ ମିଳେ। ଆମ ଓଡିଶା ସମେତ ପ୍ରାୟ ସମସ୍ତ ଉତ୍ତର ଭାରତୀୟ ରାଜ୍ୟରେ ଅଭିନେତାରୁ ନେତା ପାଲଟିଥିବା ଅନେକ ବିଧାୟକ, ସାଂସଦ ଓ ମନ୍ତ୍ରୀ ମଧ୍ୟ ଆମେ ଦେଖିଛୁ। ମାତ୍ର ଦକ୍ଷିଣ ଭାରତରେ ଏପରି ଅନେକ ମୁଖ୍ୟମନ୍ତ୍ରୀ ବନିବାର ନଜୀର ମଧ୍ୟ ଅଛି। ମୋ ମନରେ ପ୍ରଶ୍ନ, ଏସବୁ ପଛରେ ଅଲିଖିତ କାରଣ କଣ ହୋଇପାରେ ?

ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ଗଭର୍ଣ୍ଣର ଥିବା ରୋନାଲଡ ରିଗାନ ଓ ଆର୍ଣ୍ଣୋଲ୍ଡ ସ୍ୱାର୍ଜିନେଗର ମଧ୍ୟ ରାଜନେତା ହେବାପୂର୍ବରୁ ହଲିଉଡ୍ ଅଭିନେତା ରୁପେ ଅନେକ ଚଳଚ୍ଚିତ୍ରରେ ବିଭିନ୍ନ ଭୂମିକାରେ ଅଭିନୟ କରିସାରିଥିଲେ। ରିଗାନ ତ' ଆଉପାଦେ ଆଗକୁ ଯାଇ ଆମେରିକାର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ। ୟୁକ୍ରେନର ବର୍ତ୍ତମାନ ରାଷ୍ଟ୍ରପତି ଭୋଲଡିମର ଜେଲେନସ୍କି ମଧ୍ୟ ଜଣେ ଉଚ୍ଚ କୋଟିର ହାସ୍ୟ କଳାକାର ଭାବେ ନିଜ ପ୍ରତିଭାର ପରିଚୟ ଦେଇ ସାରିଛନ୍ତି। କେବଳ ସେତିକି ନୁହେଁ ବ୍ରାଜିଲର ଟିରିରିକା, ଆଲେକଜାଣ୍ଡ୍ରା ଫୋର୍ଟୋ ଏବଂ ରେଜିନା ଡୁଆର୍ଟେ ମଧ୍ୟ ରାଜନୀତିକୁ ଆସିବା ପୂର୍ବରୁ ସିନେମା ଓ ଟେଲିଭିଜନରେ ଅଭିନୟ କରୁଥିଲେ। ଆମ ପଡୋଶୀଦେଶ ବାଂଲାଦେଶରେ ମଧ୍ୟ ସାହା ବେଗମ କାବୋରୀ ଏବଂ ଆସାଦୁର ଜମାନ ନୁରଙ୍କ ପରି ଅନେକ ସାଂସଦ ଓ ମନ୍ତ୍ରୀ ଅଛନ୍ତି ଯେଉଁ ମାନଙ୍କର ରାଜନେତା ପରିଚୟର ପ୍ରଚ୍ଛଦପଟ୍ଟରେ ରହିଛି ଚଳଚ୍ଚିତ୍ର ଅଭିନେତାର ପରିଚୟ।

ଦକ୍ଷିଣ ଭାରତକୁ ଯିବା ପୂର୍ବରୁ ଭାରତର ଅନ୍ୟ ରାଜ୍ୟମାନଙ୍କ ଉପରେ ଟିକେ ନଜର ବୁଲେଇ ଆଣିବା। ଅଭିନେତା ସୁନୀଲ ଦତ୍ତ, କଂଗ୍ରେସ ପକ୍ଷରୁ ନିର୍ବାଚନ ଲଢି ସାଂସଦ ଓ ୨୦୦୪-୦୫ରେ ମନ୍ତ୍ରୀ ମଧ୍ୟ ହୋଇଥିଲେ। ଗୋବିନ୍ଦା ମଧ୍ୟ ମୁମ୍ବାଇ (ଉତ୍ତର)ରୁ କଂଗ୍ରେସ ଟିକେଟରେ ଲଢି ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ସାଂସଦ ହୋଇଥିଲେ। ସମାଜବାଦୀ ପାର୍ଟି ସହ ଜଡିତ ଥିବା ଅଭିନେତା ରାଜ ବାବର ଉତ୍ତରପ୍ରଦେଶରୁ ସାଂସଦ ହେବା ପରେ ରାଜ୍ୟର କଂଗ୍ରେସ ଦଳର ସଭାପତି ହୋଇଥିଲେ। ଠିକ ସେମିତି ପଶ୍ଚିମବଙ୍ଗର ମିଥୁନ ଚକ୍ରବର୍ତ୍ତୀ, ତୃଣମୁଳ କଂଗ୍ରେସ ପକ୍ଷରୁ ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ହୋଇଥିଲେ ମଧ୍ୟ ବର୍ତ୍ତମାନ ଭାରତୀୟ ଜନତା ପାର୍ଟି ସହ ଜଡିତ ଅଛନ୍ତି। ଠିକ ସେମିତି ସ୍ମୃତି ଇରାନୀ ମଧ୍ୟ ୨୦୧୪ ରୁ ୨୦୨୪ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିବା ପୂର୍ବରୁ ଅଭିନେତ୍ରୀ ଭାବେ ଘରେ ଘରେ ପରିଚିତ ହୋଇସାରିଥିଲେ। ୨୦୧୪ ରୁ ଲୋକସଭା ସାଂସଦ ବନିଥିବା ଚଣ୍ଡିଗଡର କିରଣ ଖେର ଏବଂ ଅହମଦାବାଦ (ପୂର୍ବ)ର ପରେଶ ରାୱଲଙ୍କ ମଧ୍ୟ ଅସଲ ପରିଚୟ ହେଉଛି ଅଭିନେତା।

କଂଗ୍ରେସ ପକ୍ଷରୁ ନିର୍ବାଚନ ଲଢି ୨୦୧୯ ରେ ଶିବସେନାରେ ଯୋଗଦେଇଥିବା ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ଏବଂ ତୃଣମୂଳ କଂଗ୍ରେସ ପକ୍ଷରୁ ସାଂସଦ ବନିଥିବା ନୁସରତ ଜାହାନ ଓ ମିମି ଚକ୍ରବର୍ତ୍ତୀଙ୍କର କାହାଣୀ ମଧ୍ୟ ନୂଆ ନୁହେଁ। ଭୋଜପୁରୀ ସିନେମାର ଦୁଇ ସୁପରଷ୍ଟାର ମନୋଜ ତିୱାରୀ ଦିଲ୍ଲୀରୁ ଏବଂ ରବିକିଶନ ଗୋରଖପୁରରୁ ସାଂସଦ ହୋଇଥିଲେ ମଧ୍ୟ ଏଯାବତ ଅଭିନୟ ଜାରୀ ରଖିଛନ୍ତି। ଦିନେଶ ଲାଲ ଯାଦବ "ନିରହୁଆ" ଏବଂ ପବନ ସିଂ ମଧ୍ୟ ଅଭିନେତାରୁ ରାଜନେତା ପାଲଟିଛନ୍ତି। ବିହାରରେ ପାଟନା ସାହିବର ସାଂସଦ ଶତ୍ରୁଘ୍ନ ସିହ୍ନା ଓ ଉଦିତ ନାରାୟଣ ମଧ୍ୟ ଚଳଚ୍ଚିତ୍ର ଏବଂ ମନୋରଞ୍ଜନ ଶିଳ୍ପ ସହ ଜଡିତ। ଆମ ଓଡିଶାର ସିଦ୍ଧାନ୍ତ ମହାପାତ୍ର ୨୦୦୯ ରୁ ୧୯ ଏବଂ ଅନୁଭବ ମହାନ୍ତି ୨୦୧୯ ରୁ ୨୦୨୪ ପର୍ଯ୍ୟନ୍ତ ବିଜୁ ଜନତା ଦଳର ସାଂସଦ ରହି ସାରିଛନ୍ତି। ପୂର୍ବତନ ସାଂସଦ ପ୍ରଶାନ୍ତ ନନ୍ଦଙ୍କର ପ୍ରଥମ ପରିଚୟ ହେଉଛି ଅଭିନେତା। ଠିକ ସେମିତି ଅରିନ୍ଦମ ଓ ଆକାଶ ମଧ୍ୟ ଅଭିନୟ ଜଗତରୁ ଆସି ରାଜନୀତିରେ ପାଦ ଥାପିଛନ୍ତି। ହାସ୍ୟ ଅଭିନେତା ପପୁ ପମପମ ଏବଂ ହରିହର ମହାପାତ୍ର ରାଜନୀତିରେ ଯୋଗଦେଇଥିଲେ ମଧ୍ୟ ଆଖିଦୃଶିଆ ସଫଳତା ପାଇପାରିନାହାନ୍ତି। ପଞ୍ଜାବର ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏବଂ ପୁର୍ବ ସାଂସଦ ଗୁରୁଦାସ ମାନ ଓ କରମଜିତ ଅନମୋଲ, ଯଶପାଲ ଭଟ୍ଟୀ ମଧ୍ୟ ଅଭିନୟ ଜଗତ ସହ ସଂପୃକ୍ତି ଥିବା ରାଜନେତା ଭାବେ ପରିଗଣିତ।

ଏହି ତାଲିକାରେ ସୁପରଷ୍ଟାର ଅମିତାଭ ବଚ୍ଚନ (୧୯୮୪ ରେ ଆହ୍ଲାବାଦରୁ ସାଂସଦ), ହେମାମାଳିନୀ (ମଥୁରାରୁ ୩ ଥର ସାଂସଦ), ଜୟା ବଚ୍ଚନ (ସମାଜବାଦୀ ପାର୍ଟୀରୁ ୫ଥର ପାଇଁ ରାଜ୍ୟସଭା ସାଂସଦ), କଙ୍ଗନା ରାଣାୱତ (ହିମାଚଳ ପ୍ରଦେଶର ମଣ୍ଡିରୁ ସାଂସଦ), ସୁରେଶ ଗୋପୀ (କେରଳରୁ ସାଂସଦ) ଏବଂ ମୈଥିଳୀ ଠାକୁର (ବିହାରର ମଧୁବଣୀରୁ ନବନିର୍ବାଚିତ ବିଧାୟକ) ଆଦିଙ୍କ ନାମ ନଯୋଡିଲେ ତାଲିକା ଅସମ୍ପୂର୍ଣ୍ଣ ରହିଯିବ। ହଁ, ଏଯାବତ ଆମେ ଦକ୍ଷିଣ ଭାରତ, ବିଶେଷ କରି ତାମିଲନାଡୁ ଉପରେ ନଜର ପକେଇ ନାହାନ୍ତି। କାହାଣୀର ଆରମ୍ଭ ତ ସେଇଠୁଁ।

୧୯୪୦ ଦଶକରୁ ହିଁ ତାମିଲନାଡୁରେ ସାମାଜିକ ବୈଷମ୍ୟ, ଅସମାନତା ତଥା ଅବସରର ଅଭାବ ଓ ସାମାଜିକ ନ୍ୟାୟର ବାର୍ତ୍ତାଥିବା ଫିଲ୍ମ ନିର୍ମାଣ ଆରମ୍ଭ ହୋଇସାରିଥିଲା। ତେଣୁ ପିଢି ପରେ ପିଢି ସେଇ ଚଳଚ୍ଚିତ୍ର ଗୁଡିକ ଦେଖି ସେଠାକାର ଜନତା ବଡ ହେଲେ ଏବଂ ଅଜାଣତରେ ସିନେମା ଓ ରାଜନୈତିକ ବିଚାରଧାରା ସାଧାରଣ ଜୀବନର ଅଂଶ ପାଲଟିଗଲେ। ସିନେତାରକା ମାନେ କେବଳ ଗ୍ଲାମର ନୁହେଁ ବରଂ ସ୍ଥାନୀୟ ଲୋକଙ୍କ ପାଇଁ ଏକ ଗଭୀର ସାମାଜିକ ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର ବନିଗଲେ। ଏଣୁ ସିନେପରଦାରୁ ବାହାରି ଆସିଲା ପରେ ଜନତା ସେମାନଙ୍କୁ ଭଗବାନ ମାନି ବସିଲେ। ସିନେମାରେ ମୁଖ୍ୟତଃ ପୌରାଣିକ ଚରିତ୍ର ଅଥବା ସାମାଜିକ ବିଧିବ୍ୟବସ୍ଥା ବିରୁଦ୍ଧରେ ଲଢୁଥିବା ଚରିତ୍ର ଚିତ୍ରଣ କରୁଥିବା ଅଭିନେତା ମାନେ ନିଜ ରାଜନୈତିକ ଛବି ସହିତ ଏହାକୁ ମିଶାଇ ଦେଇ ଭୋଟବ୍ୟାଙ୍କ ତିଆରି କରିବା ସହଜ ହୋଇଗଲା। ନିଜ ଅଞ୍ଚଳ ତଥା ସ୍ଥାନୀୟ ଅସ୍ମିତାକୁ ଗୁରୁତ୍ୱ ଦେଇ ଜନମାନସ ସହ ଖୁବ ସହଜରେ ନିଜକୁ ଯୋଡି ପାରିଲେ। ଆନ୍ନାଦୁରାଇ ଓ କରୁଣାନିଧିଙ୍କ ପରି ଜନନେତା ଏକାଧାରରେ ଲେଖକ ମଧ୍ୟ ଥିବାରୁ ସିନେମାର ପଟ୍ଟକଥାରେ ବି ସାମାଜିକ ପରିବର୍ତ୍ତନ ଓ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ନିଜପାଇଁ ଜନମନରେ ଏକ ସ୍ୱଚ୍ଛ ଓ ନିର୍ମଳ ଛବି ତିଆରି କରିପାରିଲେ।

ତାମିଲ ସିନେମାର ସୁପରଷ୍ଟାର ଏମ ଜି ରାମଚନ୍ଦ୍ରନ ୧୯୭୨ରେ ରାଜନୈତିକ ପାର୍ଟି ଗଠନ କରି ୧୯୭୭ରେ ପ୍ରଥମ ମୁଖ୍ୟମନ୍ତ୍ରୀ ବନିଲେ। ତାଙ୍କ ପୂର୍ବରୁ ଏହି ଧାରା ଆରମ୍ଭ ହୋଇସାରିଥିଲା, ଯେବେ ୧୯୬୭ରେ ଆନ୍ନାଦୁରାଇଙ୍କ ଦ୍ୱାରା ଡିଏମକେ(ଦ୍ରାବିଡ ମୁନିତ୍ର କାଜଘମ) ନାମକ ଦଳ ଗଠନ ହୋଇ ମାଡ୍ରାସ ରାଜ୍ୟର ଶେଷ ଓ ନବଗଠିତ ତାମିଲନାଡୁର ପ୍ରଥମ ମୁଖ୍ୟମନ୍ତ୍ରୀ ବନିପାରିଥିଲେ। ପରେ ଏହି ଧାରାରେ ସାମିଲ ହୋଇଥିଲେ ସିନେ ବ୍ୟକ୍ତିତ୍ୱ ଏମ କରୁଣାନିଧି, ଯିଏ ପ୍ରାୟ ୨୦ ବର୍ଷ ଧରି ଶାସନ ଭାର ସମ୍ଭାଳିଥିଲେ। ଏମଜିଆରଙ୍କ ବିପକ୍ଷରେ ନାୟିକା ଭାବେ ଅଭିନୟ କରିଥିବା ଜୟଲଳିତା ମଧ୍ୟ ତାମିଲନାଡୁରେ ପ୍ରାୟ ୧୫ ବର୍ଷ ମୁଖ୍ୟମନ୍ତ୍ରୀ ରହିଥିଲେ।

ଯଦି ଆମେ ତାମିଲନାଡୁରୁ ବାହାରି ଆନ୍ଧ୍ରପ୍ରଦେଶରେ ନଜର ପକେଇବା ତେବେ, ୧୯୮୨ରେ ତେଲୁଗୁ ଦେଶମ ପାର୍ଟି (ଟିଡିପି) ଗଠନ କରି ମାତ୍ର ୧୦ ମାସ ଭିତରେ କଂଗ୍ରେସର ସାମ୍ରାଜ୍ୟକୁ ଧ୍ୱଂସ କରି ମୁଖ୍ୟମନ୍ତ୍ରୀ ବନିପାରିଥିବା ଏନଟି ରାମାରାଓଙ୍କୁ କେମିତି ଭୁଲିପାରିବା। ଠିକ ସେମିତି ଜନସେନା ପାର୍ଟି ଗଠନ କରି ୨୦୨୪ରେ ଉପମୁଖ୍ୟମନ୍ତ୍ରୀ ହୋଇଥିବା ପବନ କଲ୍ୟାଣଙ୍କ କଥା ମଧ୍ୟ ବିଚାରକୁ ନିଆଯାଇପାରେ। ଏମାନଙ୍କ ବ୍ୟତୀତ କମଲହାସନ, ଶିବାଜୀ ଗଣେସନ, ରଜନୀକାନ୍ତ, ସରତ କୁମାର ଓ ଖୁସବୁ ସୁନ୍ଦରମଙ୍କ କଥା ମଧ୍ୟ ଉଦାହରଣ ରୂପେ ନିଆଯାଇପାରେ। ନନ୍ଦମୁରୀ ବାଳକ୍ରିଷ୍ଣା, ଚିରଞ୍ଜିବୀ, ବିଜୟାଶାନ୍ତି, ରୋଜା, ନାଗାବାବୁ ଆଦି ମଧ୍ୟ ସିନେମା ବ୍ୟତୀତ ରାଜନୀତିରେ ନିଜର ଛାପ ଛାଡିଯାଇଛନ୍ତି। କର୍ଣ୍ଣାଟକର ରାଜକୁମାର, ଅମ୍ବରୀଶ, ଜଗ୍ଗୀଶ ଏବଂ କେରଳର ସୁରେଶ ଗୋପୀ, ମୁକେଶ, ଗଣେଷ କୁମାର, ଜୟରାମ ଆଦିଙ୍କୁ ମଧ୍ୟ ଏହି ସୂଚୀରେ ସାମିଲ କରାଯାଇପାରେ।

ଏଥରର ଥାଲାପତି ବିଜୟଙ୍କ ଜିତିବା ମଧ୍ୟ ଆଦୌ ଅପତ୍ୟାଶିତ ନୁହେଁ। ୧୦ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରଶଂସକ ଥିବା ଫ୍ୟାନ କ୍ଲବ ଗୁଡିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଦକ୍ଷିଣ ଭାରତରେ ଅଭିନେତା ମାନଙ୍କର ଏହି ଫ୍ୟାନକ୍ଲବ ଗୁଡିକ ରକ୍ତଦାନ ଶିବିର, ଭୋଜନ ବିତରଣ ଓ ବିପର୍ଯ୍ୟୟ ବେଳେ ସହାୟତା କରି ଲୋକଙ୍କ ସାମ୍ନାରେ ଚିହ୍ନାମୁହଁ ପାଲଟି ଯାଆନ୍ତି। ଏଥିରେ ମଧ୍ୟ ଜିଲ୍ଲା ଏବଂ ନିମ୍ନ ସ୍ତରର ପଦାଧିକାରୀ ନିଯୁକ୍ତ ହୁଅନ୍ତି, ଯେଉଁମାନେ ରାଜନୈତିକ ଦଳଗଠନ ବେଳେ ସ୍ୱତଃ କ୍ୟାଡର ପାଲଟି ଯାଆନ୍ତି। ଏଣୁ ଅଭିନେତାରୁ ରାଜନୀତିକୁ ଲମ୍ଫପ୍ରଦାନ କଲାବେଳେ ଶୂନ୍ୟରୁ ଆରମ୍ଭ କରିବାକୁ ପଡେନାହିଁ, ବରଂ ଏକ ସ୍ୱତଃପ୍ରବୃତ୍ତ ଫୌଜ ଛିଡା ହୋଇଥାଏ, ଅଭିନେତାଙ୍କୁ ରାଜନେତା ରୁପେ ସ୍ୱାଗତ କରିନେବା ପାଇଁ। ସେଇମାନେ ହିଁ ପ୍ରଚାରର ମଙ୍ଗଧରି ବାଟ କଢ଼େଇ ନିଅନ୍ତି ସେମାନଙ୍କ ଦେବତୁଲ୍ୟ ଅଭିନେତାଙ୍କୁ। ସେଇଥିପାଇଁ ତ' ଜିତିବା ଓ ରାଜନୀତିରେ ଟିକିବା ସହଜ ହୋଇଯାଏ।

ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ମୋ-୭୦୦୮୬୦୧୧୬୧

ଫ୍ୟାସନ୍

# ପରଫ୍ୟୁମ୍

ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା



ପରଫ୍ୟୁମ୍ ସବୁବେଳେ ବଡ଼ିର ପ୍ଲସ୍ ପଏଣ୍ଟ (ଯେଉଁଠି ହୃତ୍‌ପିଣ୍ଡ ଅଛି)ରେ ଲଗାଇବା ଦରକାର । ଏଥିସହିତ ଆପଣ ଚାହିଁଲେ ଦୁଇ କାଖ ତଳେ, କାନର ପଛପଟେ, ବେକ ମଝିରେ ଏବଂ ଅଣ୍ଟାର ଦୁଇ ପାର୍ଶ୍ୱରେ ବି ଲଗାଇ ପାରିବେ ।

ତା ଛଡ଼ା କେଉଁ ଜାଗାରେ କିପରି ଭାବେ ପରଫ୍ୟୁମ୍ ବ୍ୟବହାର କରିବା ଦରକାର, ସେଥିପ୍ରତି ଧ୍ୟାନ ଦେବା ନିହାତି ଜରୁରୀ । ଅଫିସ୍ ସେମିନାର ମିଟିଂ କିମ୍ବା ଅଫିସିଆଲ୍ ଫଙ୍କସନ୍‌କୁ ଯିବାକୁ ଥିଲେ, ସେ କ୍ଷେତ୍ରରେ ଆପଣ ମାଇଲ୍ଡ ଅର୍ଥାତ୍ ହାଲୁକା ପରଫ୍ୟୁମ୍ ବ୍ୟବହାର କରନ୍ତୁ । ଆଉ ଯଦି ଆପଣ ସଂଧ୍ୟା ସମୟରେ କୌଣସି କକ୍‌ଟେଲ୍ ପାର୍ଟି, କର୍ପୋରେଟ ଇଭେଣ୍ଟ ଅବା ବାହାଘରରେ ଯୋଗ ଦେବାକୁ ଯାଉଛନ୍ତି, ତାହେଲେ ସେଠି ଆପଣଙ୍କ ଷ୍ଟ୍ରଙ୍ଗ ବାସ୍ନାବାଲା ପରିଫ୍ୟୁମ୍ ବ୍ୟବହାର କରିପାରିବେ ।

ଫରଫ୍ୟୁମ୍ ଚୟନ କରିବା ସମୟରେ ଜଳବାୟୁ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ । ଯେମିତିକି ଖରାଦିନ ପାଇଁ ହାଲୁକା ବାସ୍ନାଯୁକ୍ତ ଆଉ ଥଣ୍ଡା ଦିନ ପାଇଁ ଷ୍ଟ୍ରଙ୍ଗ ବାସ୍ନାଯୁକ୍ତ ପରଫ୍ୟୁମ୍ ବ୍ୟବହାର କରିବା ଦରକାର ।

ସମ୍ପୂର୍ଣ୍ଣ କପଡ଼ା ଉପରେ ପରଫ୍ୟୁମ୍ ସ୍ପ୍ରେ କରିବା ବଦଳରେ ଆପଣ କେବଳ ଶରୀରର ସବୁ ପ୍ଲସ ପଏଣ୍ଟ ଜାଗାରେ ଥରେ ହେଉ କିମ୍ବା ଦୁଇଥର ପରଫ୍ୟୁମ୍ ସ୍ପ୍ରେ କରନ୍ତୁ । ଦେଖିବେ ଦିନଯାକ ଆପଣ ଖୁବ୍ ଫ୍ରେସ ଅନୁଭବ କରିବେ । ଆଜିକାଲି



ଯୁବପିଢ଼ୀଙ୍କ ଭିତରେ ଅଲରାଉଣ୍ଡର ପରଫ୍ୟୁମ୍‌ର ବ୍ୟବହାର ବି ବହୁତ ହେଲାଣି, ଯହାକୁ ଆପଣ ଉଭୟ ଶରୀର ଓ କପଡ଼ା ଉପରେ ସ୍ପ୍ରେ କରିପାରିବେ ।

କେବଳ ସେତିକି ନୁହେଁ ମାର୍କେଟରେ ଏବେ ୟୁନି ସେକ୍ସ ପରଫ୍ୟୁମ୍ ବି ଉପଲବ୍ଧ ହେଲାଣି । ଅର୍ଥାତ୍ ଏହା ହେଉଛି ଏପରି ଏକ ପରଫ୍ୟୁମ୍ ଯାହାକୁ ଉଭୟ ପୁଅ ଓ ଝିଅ ବ୍ୟବହାର କରିପାରିବେ । ତେବେ ଡେରି କାହିଁକି, ମାର୍କେଟରୁ ଏବେ ଆଉ ଦୁଇଟି ଅଲଗା ଅଲଗା ପରଫ୍ୟୁମ୍‌ରୁ ଗୋଟେ ନେଇଆସନ୍ତୁ । ଯାହାକୁ ଆପଣ ଓ ଆପଣଙ୍କ ପତି ଉଭୟ ବ୍ୟବହାର କରିପାରିବେ ।

ପରଫ୍ୟୁମ୍‌କୁ ସର୍ବଦା ସୂର୍ଯ୍ୟକିରଣ ଠାରୁ ଦୂରେଇ ରଖନ୍ତୁ । କାରଣ ସୂର୍ଯ୍ୟକିରଣ ସିଧା ସଂସ୍ପର୍ଶରେ ଆସିଲେ, ପରଫ୍ୟୁମ୍‌ର କ୍ୱାଲିଟି କମିଯାଏ । ଫଳରେ ଏହା ଆଉ ସେତେ ବାସ୍ନା ପ୍ରଦାନ କରିପାରେ ନାହିଁ ।

ଖରାଦିନେ....

ଖରାଦିନେ ପରଫ୍ୟୁମ୍‌ର ବାସ୍ନା ଖୁବ୍‌ଶୀଘ୍ର ଚାରିଆଡ଼େ ବ୍ୟାପୀ ଯାଇଥାଏ । ଆଉ ଆପଣ ଯଦି ଗାଢ଼ ସୁଗନ୍ଧଯୁକ୍ତ ପରଫ୍ୟୁମ୍ ବ୍ୟବହାର କରିଥାନ୍ତି ତେବେ ତାହା କେତେକ ଲୋକଙ୍କୁ ଅସହ୍ୟ ମନେ ହୋଇପାରେ । ତେଣୁ ଖରାଦିନେ କମ୍ ମାତ୍ରାରେ ପରଫ୍ୟୁମ୍ ବ୍ୟବହାର କରିବା ଭଲ । ଯଦି ଅନୁଭବ ହେଉଛି ବାସ୍ନା କମିଗଲାଣି ତେବେ ପୁଣି ଥରେ ପରଫ୍ୟୁମ୍ ଲଗାଇ ପାରନ୍ତି ।

ଏହିଦିନେ ହାଲ୍‌କା ସୁଗନ୍ଧଯୁକ୍ତ ପରଫ୍ୟୁମ୍ ବ୍ୟବହାର କରନ୍ତୁ । ସାଇଟ୍ରସ୍, ଲାଇଟ ଫ୍ଲୋରାଲ୍ ଓ ଫ୍ରୁଟି ସେଣ୍ଟର ହେଉଛି ଖରାଦିନ ପାଇଁ ଉପଯୁକ୍ତ ପରଫ୍ୟୁମ୍ । ନିଜ ରୁମାଲରେ କିଛି ସେଣ୍ଟ ପକାଇଥାଆନ୍ତୁ । ବାହାରେ ଯେତେବେଳେ ଆପଣଙ୍କୁ ଗରମ ଅନୁଭୂତ ହେବ, ସେହି ସୁଗନ୍ଧିତ ରୁମାଲକୁ ମୁହଁରେ ପୋଛି ଶୀତଳତା ଅନୁଭବ କରନ୍ତୁ । ବାସ୍ନା ଅଧିକ ସମୟ ପର୍ଯ୍ୟନ୍ତ ରହିବା ପାଇଁ କେଶ ଓ ହାତରେ ପରଫ୍ୟୁମ୍ ଲଗାନ୍ତୁ ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**ଚହଟା ନଗର, ଲେନ୍-୬, କଟକ-୧୪,**
**ଦୂରଭାଷ : ୭୦୦୮୪୭୮୯୮୬**
E-mail :
nibeditabehera08021985@gmail.com

ରୋଷେଇ ଘରୁ

# ମିକ୍ସ ଫିଙ୍ଗର ଚିପ୍ସ

## ଆବଶ୍ୟକ ସାମଗ୍ରୀ-

ବିଭିନ୍ନ ପରିବା ଯଥା, ପୋଟଳ, ଭେଣ୍ଡି, ଫୁଲକୋବି, ଗାଜର, ଆଳୁ, ବିନ୍ସ, ଅଦା-କଞ୍ଚାଲଙ୍କା ପେଷ୍ଟ, ଧଳାରାଶି, ବେସନ, ଚାଉଳଗୁଣ୍ଡ,କାଶ୍ମୀର ଚିଲ୍ଲୀ, ଚାଟ୍ ମସଲା, ଆବଶ୍ୟକ ଅନୁଯାୟୀ ହଳଦୀ, ଲୁଣ

## ପ୍ରସ୍ତୁତି-

ପ୍ରଥମେ ପରିବାଗୁଡ଼ିକୁ ଭଲଭାବରେ ଧୋଇ ସରୁ ସରୁ ଖଣ୍ଡ କରି କାଟନ୍ତୁ। ସେଗୁଡ଼ିକ ସହିତ ଏକ ଚାମଚ କାଶ୍ମୀର ଚିଲ୍ଲୀ, ଏକ ଚାମଚ ଧଳାରାଶି, ୨ଚାମଚ ବେସନ, ତିନି ଚାମଚ ଚାଉଳ ଗୁଣ୍ଡ, ଅଦା-କଞ୍ଚାଲଙ୍କା ପେଷ୍ଟ, ଆବଶ୍ୟକ ଅନୁଯାୟୀ ଲୁଣ, ହଳଦୀ ପକାଇ ଭଲ ଭାବରେ ମିକ୍ସ କରି ଦିଅନ୍ତୁ। ଏହାକୁ ମ୍ୟାରିନେଟ୍ କରିବାକୁ ଏକା ସାଙ୍ଗରେ ପାଣି ନପକାଇ ଅଳ୍ପ, ଅଳ୍ପ ପାଣି ଦେଇ ଗୋଳାନ୍ତୁ, ଯେମିତି ଏହା ପତଳା ଭାବରେ ପରସ୍ତ ହୋଇ କଟାଯାଇଥିବା ପରିବା ସହ ମିଶିପାରିବ। କଡ଼ାଇରେ ତେଲ ଗରମ କରି ଏହାକୁ ଛାଣନ୍ତୁ। ଚାଉଳଗୁଣ୍ଡ ଗୋଳାଯାଇଥିବା କାରଣରୁ ଏହି ଫିଙ୍ଗର ଚିପ୍ସ ଗୁଡ଼ିକ କ୍ରିସ୍ପ୍ ରହିବ। ଏହାକୁ ଗରମ ଗରମ ପରଷି ଦିଅନ୍ତୁ।



# ସାପ୍ତାହିକ ରାଶିଫଳ



**ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା**

ନିମାପଡ଼ା, ପୁରୀ,
ମୋବାଇଲ୍: ୯୭୭୭୨୫୨୨୪୦

**ମେଷ**
ସପ୍ତାହଟି ଅଯଥାରେ କଳହ ସୃଷ୍ଟି ହେବ। ପଡ଼ୋଶୀଙ୍କ ସହଯୋଗ ପାଇପାରିବେ। ବନ୍ଧୁ ସାହାଯ୍ୟ ମିଳିପାରେ। ସାହସିକ ପଦକ୍ଷେପ ନେଇପାରନ୍ତି। ଅପ୍ରିୟ ପରିସ୍ଥିତିରେ ପଡ଼ିବେ। ପ୍ରତିକାର: ପ୍ରତିଦିନ ହନୁମାନ ଚାଳିଶା ପାଠ କରଣୀୟ।

**ବୃଷ**
ସପ୍ତାହଟିରେ ବହୁଦିନର ସମସ୍ୟାର ସମାଧାନ ହେବ। ଅଭାବ ତେଇଁଯିବ। ଷଡ଼ଯନ୍ତ୍ରର ଶିକାର ହେବେ। ଦ୍ରବ୍ୟ ଲାଭ କରିବେ। ପରିବାରରେ ଶୃଙ୍ଖଳା ରହିବ। ସ୍ଥାନାନ୍ତରର ଯୋଗ ରହିଛି। ପ୍ରତିକାର: ସୋମବାର ଶିବଙ୍କ ପୂଜା କରିବେ।

**ମିଥୁନ**
ସପ୍ତାହଟିରେ ଆୟ କ୍ରମେ ବୃଦ୍ଧିଘଟିବ। ବିବାଦର ସମାଧାନ ହୋଇପାରେ। ଅଟକି ଥିବା କାର୍ଯ୍ୟରେ ଆଗେଇଯିବେ। ସହଯୋଗ ପାଇପାରନ୍ତି। ଅପକର୍ମର ଫଳ ଭୋଗିବେ। ସୁଯୋଗର ଦୁରୁପଯୋଗ କରିବେ। ପ୍ରତିକାର: ଶନିବାର ଦିନ ଶନିପୂଜା କରଣୀୟ।

**କର୍କଟ**
ସପ୍ତାହଟି ପ୍ରିୟବ୍ୟକ୍ତିଙ୍କ ସହ ମନାନ୍ତର ହେବ। ଯାତ୍ରାରେ ବିଘ୍ନ ହୋଇପାରେ। ବିଭିନ୍ନ ଦିଗରୁ ସମସ୍ୟା ବଢ଼ିଯିବ। ସହକର୍ମୀ ସହାୟତା କରିବେ। ପରିବେଶ ଲାଭଜନକ ହେବ। ପ୍ରତିକାର: ସୋମବାର ଦିନ ଚନ୍ଦ୍ରପୂଜା କରଣୀୟ।

**ସିଂହ**
ସପ୍ତାହଟି ପ୍ରିୟବ୍ୟକ୍ତିଙ୍କ ପାଇଁ ଚିନ୍ତା ବଢ଼ିଯିବ। ଯୋଜନା କାର୍ଯ୍ୟକାରୀ ହେବ। ନିଜର ପ୍ରମାଦ ପାଇଁ ନିନ୍ଦିତ ରହିବେ। ସମ୍ପତ୍ତି ପାଇଁ ଗଣ୍ଡଗୋଳ ଲାଗିବ। ଚିନ୍ତା ଦୂରେଇଯିବ। ପ୍ରତିକାର: ମଙ୍ଗଳବାର ଦୁର୍ଗାଙ୍କ ପୂଜା କରିବେ।

**କନ୍ୟା**
ସପ୍ତାହଟିରେ ଗୃହରେ ପରିବର୍ତ୍ତନ ହୋଇପାରେ। ପ୍ରିୟବନ୍ଧୁଙ୍କ ପାଇଁ ଚିନ୍ତା ବଢ଼ିବ। ଯୋଜନା କାର୍ଯ୍ୟକାରୀ ହେବ। ନିଜର ପ୍ରମାଦ ପାଇଁ ନିନ୍ଦିତ ହେବେ। ସମ୍ପତ୍ତି ଘଟଣାରେ ଗଣ୍ଡଗୋଳ ବଢ଼ିଯିବ। ପ୍ରତିକାର: ହନୁମାନ ଚାଳିଶା ପାଠ କରଣୀୟ।

**ତୁଳା**
ସପ୍ତାହଟି ଧର୍ମ ଭାବନାରେ ଶାନ୍ତି ବଢ଼ିବ। ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହୋଇପାରେ। ଅଜାଣତରେ ପ୍ରତାରିତ ହୋଇପାରନ୍ତି। ଅନ୍ୟ ନିୟନ୍ତ୍ରଣରେ ରହିବେ। ବୃଥାକାର୍ଯ୍ୟରେ ସମୟ କଟାଇବେ। ପ୍ରତିକାର: ସୂର୍ଯ୍ୟଦେବଙ୍କ ପୂଜା କରଣୀୟ।

**ବିଛା**
ସପ୍ତାହଟିରେ ଅଧିକ ପରିଶ୍ରମ କରି କାର୍ଯ୍ୟରେ ସଫଳ ହେବେ। ଅର୍ଥାଭାବ ଦୂରେଇଯିବ। ବନ୍ଧୁବାନ୍ଧବଙ୍କ ସଙ୍ଗରେ ସମୟ ଅତିବାହିତ କରିବେ। ଅନ୍ୟାୟର ପ୍ରତିରୋଧ କରିବେ। ପ୍ରତିକାର: ଜଗନ୍ନାଥ ଆରାଧନା କରଣୀୟ।

**ଧନୁ**
ସପ୍ତାହଟିରେ ନୂତନ କାର୍ଯ୍ୟରେ ଆଗ୍ରହୀ ହେବେ। ବନ୍ଧୁ ମେଳରେ ଦିନ କାଟିବେ। ଅର୍ଥାଭାବ ଦୂରେଇଯିବ। ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ମନୋବଳ ସୁଦୃଢ଼ ହେବ। ପ୍ରତିକାର: ଶନିବାର ଦିନ ଶନିମନ୍ଦିରେ ପୂଜା କରଣୀୟ।

**ମକର**
ସପ୍ତାହଟି ମାନ ଅପମାନରୁ ଦୂରେଇ ରହିବେ। ଦୁର୍ଘଟଣାରେ ପଡ଼ିପାରନ୍ତି। କୌଣସି କାର୍ଯ୍ୟରେ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ସମ୍ପଦରେ ବୃଦ୍ଧି ହୋଇପାରେ। ମାନସିକ ଦ୍ୱନ୍ଦ୍ୱ ଅନୁଭବ କରିପାରନ୍ତି। ପ୍ରତିକାର : ଗାୟତ୍ରୀ ମନ୍ତ୍ରପାଠ କରଣୀୟ।

**କୁମ୍ଭ**
ସପ୍ତାହଟିରେ କର୍ମ ଓ ଦାୟିତ୍ୱରେ ପରିବର୍ତ୍ତନ ଘଟିବ। ଶରୀର ଅସୁସ୍ଥ ରହିବ। ବ୍ୟବସାୟରେ ଲାଭପ୍ରଦ ହେବ। ଗୃହକାର୍ଯ୍ୟରେ ମନଦେବେ। ଅର୍ଥଲାଭ କରିପାରନ୍ତି। ସବୁଦିଗରୁ ହତାଶ ହେବେ। ପ୍ରତିକାର: ମା'ମଙ୍ଗଳାଙ୍କ ପୂଜା କରଣୀୟ।

**ମୀନ**
ସପ୍ତାହଟିରେ କର୍ମକ୍ଷେତ୍ରରେ ଅଶାନ୍ତି ହେବ। ସ୍ଥାନାନ୍ତରିତ ଯୋଗ। ଧୈର୍ଯ୍ୟ ଧରି କାର୍ଯ୍ୟ କରିବେ। ନିଷ୍ଠାନର ସହ କାର୍ଯ୍ୟ କରିପାରନ୍ତି। ସୁଖ ସମ୍ମାନ ପାଇବେ। ପ୍ରତିକାର: ଓଁ ନମଃ ଶିବାୟ ମନ୍ତ୍ରପାଠ କରଣୀୟ।



# ତାଞ୍ଜାଭୁର୍‌ର ବୃହଦେଶ୍ୱର ମନ୍ଦିର

ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

**ବୈଦିକ ସାହିତ୍ୟରେ ଶିବ ଲିଙ୍ଗରୂପରେ ବିବେଚିତ ହୁଅନ୍ତି। ଶୈବଧର୍ମ ହେଉଛି ସର୍ବଭାରତୀୟ ବିଶେଷତ୍ୱ ବହନ କରିଥିବା ଏକ ପ୍ରାଚୀନ ଧର୍ମ ପରମ୍ପରା। ଭାରତର ପ୍ରତ୍ୟେକ କୋଣରେ ଶିବ ମନ୍ଦିର ଦେଖିବାକୁ ମିଳେ। ଏହି ମନ୍ଦିର ମାନଙ୍କରେ ବିଧିବିଧାନ ସହିତ ଶିବଲିଙ୍ଗ ପୂଜା ପାଆନ୍ତି। ଆମ ରାଜ୍ୟ ଓଡ଼ିଶାରେ ତଥା ଭାରତର ବିଭିନ୍ନ ସ୍ଥାନରେ ପବିତ୍ର ଦ୍ୱାଦଶ ଜ୍ୟୋର୍ତିଲିଙ୍ଗଙ୍କ ସହ ଅନେକ ଶିବଲିଙ୍ଗ ଦର୍ଶନ କରିବା ପରେ ତାମିଲନାଡୁର ତାଞ୍ଜାଭୁର ଠାରେ ବୃହଦେଶ୍ୱରଙ୍କୁ ଦର୍ଶନ କରି ଯେତିକି ଆନନ୍ଦ ସେତିକି ଆଶ୍ଚର୍ଯ୍ୟ ଉପଲବ୍ଧ ହେଲା। କାରଣ ଏକ ବିଶ୍ୱାଳ କାରୁକାର୍ଯ୍ୟ ପୂର୍ଣ୍ଣ ମନ୍ଦିର ମଧ୍ୟରେ ଏକ ବିରାଟ ଲିଙ୍ଗ ପୂଜା ପାଉଛନ୍ତି। ମନ୍ଦିରର ବିଶାଳତା ଓ ଲିଙ୍ଗଙ୍କର ବିରାଟ ଆକାର ଦୃଷ୍ଟିରୁ ଏହି ମନ୍ଦିରକୁ ବୃହଦେଶ୍ୱର ମନ୍ଦିର ଓ ଲିଙ୍ଗଙ୍କୁ ବୃହଦେଶ୍ୱର ବୋଲି କୁହାଯାଏ।**

ମନ୍ଦିରଟି ଦାକ୍ଷିଣାତ୍ୟର କଳାକୃତି ଅତି ସୁନ୍ଦର ଭାବରେ ବହନ କରୁଛି। ଏହାର ପ୍ରତିଟି ପ୍ରସ୍ତର ଯେପରି ଭାରତର ପୁରାଣ, ଇତିହାସ, ନୃତ୍ୟଶୈଳୀ ଓ ଜୀବନଚର୍ଯ୍ୟା ବର୍ଣ୍ଣନା କରୁଛି। ସବୁକିଛି ଅତି ନିଖୁଣ ଭାବରେ ପରିସ୍ଫୁଟ। ତାଞ୍ଜାଭୁର ଜିଲ୍ଲା ସଦର ମହାକୁମାରେ ଚେନ୍ନାଇଠାରୁ ୩୨୨ କି.ମି. ଦୂରରେ ବୃହଦେଶ୍ୱର ମନ୍ଦିର ଅବସ୍ଥିତ। ଏହି ସ୍ଥାନକୁ ରେଳଯୋଗେ ଚେନ୍ନାଇ ଠାରୁ ଯାତ୍ରା କରିହେବ। ରେଳଷ୍ଟେସନ ଠାରୁ ଦେଢ଼ କି.ମି. ଦୂରରେ ମନ୍ଦିର ଅବସ୍ଥିତ। ତିରୁଚିରାପଲ୍ଲୀ ଏହି ସ୍ଥାନର ନିକଟତମ ବିମାନବନ୍ଦର। ନିକଟବର୍ତ୍ତୀ ସହରମାନଙ୍କ ଠାରୁ ସଡ଼କ ପଥରେ ବସ ଯାତ୍ରାର ସୁବିଧା ଉପଲବ୍ଧ। ଚୋଳଶାସକ ରାଜାରାଜା-୧ ଦକ୍ଷିଣ ଭାରତର ଜଣେ ବିଖ୍ୟାତ ସମ୍ରାଟ ଥିଲେ। ତାଙ୍କ ଶାସନ କାଳରେ ସେ ଅନେକ ମନ୍ଦିର ନିର୍ମାଣ କରିଛନ୍ତି। ତାଞ୍ଜାଭୁରଠାରେ ସେ ଏହି ବିଶାଳ ମନ୍ଦିର କାବେରୀ ନଦୀର ତ୍ରିକୋଣ ଭୂମିରେ ନିର୍ମାଣ କରିଥିଲେ। ରାଜାରାଜା-୧, ୯୫୮ରୁ ୧୦୧୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ। ଏହି ବିଶାଳ ନିର୍ମାଣକାର୍ଯ୍ୟ ୧୦୦୩ରୁ ଆରମ୍ଭ ହୋଇ ୧୦୧୦ ଖ୍ରୀଷ୍ଟାବ୍ଦରେ ମାତ୍ର ୬ ବର୍ଷରେ ସମାପ୍ତ ହୋଇଥିଲା। ତାଙ୍କର ନାମ ଅନୁସାରେ ଏହାକୁ ରାଜା ରାଜେଶ୍ୱର ମନ୍ଦିର ମଧ୍ୟ କୁହାଯାଏ। ଦାକ୍ଷିଣାତ୍ୟରେ ଅବସ୍ଥାନ ଦୃଷ୍ଟିରୁ ଏହା ଦକ୍ଷିଣମେରୁ ନାମରେ ପରିଚିତ। ମନ୍ଦିରର ନିର୍ମାତା ରାଜାରାଜା-୧ଙ୍କ ହାତରେ ଏହି ମନ୍ଦିରର ଶୁଭ ଉଦ୍‌ଘାଟନ ହୋଇଥିଲା। ଏହା ଦକ୍ଷିଣ ଭାରତର ସର୍ବୋଚ୍ଚ ମନ୍ଦିର ମଧ୍ୟରେ ଅନ୍ୟତମ। ମନ୍ଦିରଟି ଏକ ଆୟତକାର କ୍ଷେତ୍ର ଉପରେ ନିର୍ମିତ। ମନ୍ଦିର ଚତୁଃପାର୍ଶ୍ୱରେ ଚାରୋଟି ପ୍ରବେଶଦ୍ୱାର ଅଛି। କେରଲାନ୍ତକମ୍ ଗୋପୁରମ୍ ରାଜା ରାଜା-୧ କେରଳ ରାଜା ଭାସ୍କର ରବିଙ୍କୁ ପରାସ୍ତ କରିବା ପରେ ଏହାକୁ ନିର୍ମାଣ କରିଥିଲେ। ଏହା ପାଞ୍ଚ ମହଲା ବିଶିଷ୍ଟ। ଏହାର ତଳଭାଗ ପଥର ଓ ଉପରଭାଗ ଇଟା ଓ ଚୁନରେ ନିର୍ମିତ। ଏହା ମଧ୍ୟରେ ଚୁନରେ ନିର୍ମିତ ଭଗବାନ ଶିବ, ଉମାମହେଶ୍ୱରୀ, ବ୍ରହ୍ମା, ବିଷ୍ଣୁ, ଗଣପତି, ତାଣ୍ଡବ ନୃତ୍ୟରତ ଶିବ, ଦକ୍ଷିଣାମୂର୍ତ୍ତି ଓ ଅନ୍ୟାନ୍ୟ ଦେବଦେବୀଙ୍କର ସୁନ୍ଦର ମୂର୍ତ୍ତିମାନ ଶୋଭା ପାଉଛି। ଦ୍ୱିତୀୟ ଗୋପୁରମ୍ ତିନି ମହଲା ବିଶିଷ୍ଟ। ଏହା ମଧ୍ୟରେ ଅନେକ ମୂର୍ତ୍ତି ପୁରାଣ ଓ ଇତିହାସକୁ ଆଧାର କରି ନିର୍ମିତ ଯଥା ଶିବପାର୍ବତୀଙ୍କ ବିବାହ, ଭକ୍ତ ମାର୍କେଣ୍ଡୟକୁ ଶିବ ଯମଦେବତାଙ୍କ କବଳରୁ ମୃତ୍ୟୁମୁଖରୁ ରକ୍ଷା କରିବା, କାନ୍ନାପାଙ୍କ କଥା, ମୁରୁଗାନ ଭାଲିଙ୍କ କଥା, ଶିବରାତ୍ରିରେ ଶବର ବ୍ୟାଘ୍ର ଭୟରେ ବେଲବୃକ୍ଷରେ ଚଢ଼ି ତଳେଥିବା ଶିବଲିଙ୍ଗ ଉପରେ ବେଲପତ୍ର ପକାଇ ଶିବଙ୍କର ଆଶୀର୍ବାଦ ପାଇବା ଇତ୍ୟାଦି ଗଳ୍ପମାନ ଜୀବନ୍ତ ରୂପରେ ପରିସ୍ଫୁଟ ହୋଇଅଛି। ଆଦି ସ୍ଥାନର ପଛପାଖରେ ଭଗବାନ ବୁଦ୍ଧ ବୋଦ୍ଧିଦ୍ରୁମ ତଳେ ଶିଷ୍ୟମାନଙ୍କ ସହ ତପସ୍ୟା କରିବା ଦୃଶ୍ୟ ଅତିବ ମନୋମୁଗ୍ଧକର। ଏହାଛଡ଼ା ଗଣେଶଙ୍କର ଯୁଦ୍ଧଯାତ୍ରା, ମୁରୁଗାନ ତାଙ୍କ ଦୁଇ ପତ୍ନୀଙ୍କ ସହିତ ଏବଂ ରାଜା ମୁଣ୍ଡରେ ଶିବଲିଙ୍ଗ ଧରିବା ପରେ ଅନେକ ଆକର୍ଷଣୀୟ ବର୍ଣ୍ଣନା ମାନ ସ୍ଥାନ ପାଇଛି। ଗୋପୁରମ୍ ଭିତର ପାର୍ଶ୍ୱରେ ଦକ୍ଷିଣରେ ନାଗରାଜ ଓ ଉତ୍ତରରେ ଇନ୍ଦ୍ର ବିରାଜିତ। ଗୋପୁରସର ଦ୍ୱାରଦେଶରେ ୧୮ଫୁଟ ଉଚ୍ଚତା ବିଶିଷ୍ଟ ଦ୍ୱାରପାଳ ଦେଖିବାକୁ ମିଳନ୍ତି।

ମୁଖ୍ୟ ମନ୍ଦିର ପୂର୍ବମୁଖୀ ଓ ଏହା ମଧ୍ୟରେ ଗର୍ଭଗୃହ ମଧ୍ୟ ଏକ ଛୋଟ ବିମାନ ପରି। ଏହାର ପ୍ରବେଶ ଦ୍ୱାର ଅତୀବ ସୁନ୍ଦର କଳାରେ ପରିପୂର୍ଣ୍ଣ। ଗର୍ଭଗୃହ ମଧ୍ୟରେ ବୃହଦେଶ୍ୱରଙ୍କ ବିରାଟ ଲିଙ୍ଗ ବିରାଜମାନ। ଏହାର ଉଚ୍ଚତା ୮.୭ମି (୨୯) ଓ ଏହା ମନ୍ଦିର ତଳୁ ଦୁଇମହଲା ଉଚ୍ଚତା ପର୍ଯ୍ୟନ୍ତ ଉଚ୍ଚ। ଏହା ଭାରତରେ ଉଚ୍ଚତମ ଲିଙ୍ଗ ମଧ୍ୟରୁ ଅନ୍ୟତମ। ଶ୍ରୀବିମାନ ୧୬ ମହଲା ବିଶିଷ୍ଟ। ପ୍ରଥମ ତିନି ମହଲା ୩୦.୧୮ମି (୯୯) ଉଚ୍ଚ ବର୍ଗାକାର କ୍ଷେତ୍ର। ଉପର ତେର ମହଲା କ୍ରମାନ୍ୱୟରେ କମି କମି ଉପରକୁ ମନ୍ଦିରାକୃତି ଧାରଣ କରିଛି। ଗର୍ଭଗୃହ କାନ୍ଥର ଚାରି ଦିଗରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ଯଥା ପୂର୍ବ କାନ୍ଥରେ ଲିଙ୍ଗୋଦ୍ଭବ, ଶିବ, ଦୁଇ ଦ୍ୱାରପାଳ; ଦକ୍ଷିଣ କାନ୍ଥରେ ବୀରଭଦ୍ର, ଦକ୍ଷିଣାମୂର୍ତ୍ତି, କାଳାନ୍ତକ, ନଟରାଜ ଦୁଇ ଦ୍ୱାରପାଳ; ପଶ୍ଚିମ କାନ୍ଥରେ ହରିହର (ଗୋଟିଏ ମୂର୍ତ୍ତିରେ ଅଧାଶିବ ଓ ଅଧାବିଷ୍ଣୁ), ଚନ୍ଦ୍ରଶେଖର, ପ୍ରଭାବଳୀ ଓ ଦୁଇ ଦ୍ୱାରପାଳ ଏବଂ ଉତ୍ତର କାନ୍ଥରେ ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ଓ ଦୁଇ ଦ୍ୱାରପାଳ। ଦ୍ୱିତୀୟ ମହଲାରେ ଶିବଙ୍କର ତ୍ରିପୁରାନ୍ତକ ମୂର୍ତ୍ତି ବିଭିନ୍ନ ମୁଦ୍ରାରେ ନିର୍ମିତ ହୋଇଅଛି। ତା ଉପରକୁ ତେର ମହଲା କୋଣାକାରରେ ମନ୍ଦିର ଉପର ପର୍ଯ୍ୟନ୍ତ ଲମ୍ବି ଯାଇଛି, ତା ଉପରେ ୨୫.୫ ଫୁଟ ବିଶିଷ୍ଟ, ୮୦ଟନ୍‌ର ଏକ ବର୍ଗାକାର ପଥର ସ୍ଥାନ ପାଇଛି। ଏହି ପ୍ରସ୍ତର ଉପରେ ଏହାର ପ୍ରତ୍ୟେକ ପାଖରେ ଦୁଇଟି ନନ୍ଦୀ ମୂର୍ତ୍ତି ପ୍ରତ୍ୟେକର ଲମ୍ୱ ୬’୬’’ ଓ ପ୍ରସ୍ଥ ୫’୬’’ ଦେଖିବାକୁ ମିଳେ। ମନ୍ଦିର ଶିଖର ୨୫ଟନ୍ ବିଶିଷ୍ଟ ଗୋଲାକାର କମଳାଲେମ୍ବୁ ପରି। ଏହା ଉପରେ ଅଗ୍ରଭାଗ ପଦ୍ମକଢ଼ି ଆକୃତିର ଏକ ସ୍ତୁପ। ଏହା ପ୍ରଥମରୁ ସ୍ୱର୍ଣ୍ଣ ଆଚ୍ଛାଦିତ ଥିଲା। ମାତ୍ର ଆକ୍ରମଣକାରୀଙ୍କ ଦ୍ୱାରା ଅପହୃତ ହୋଇଅଛି। ମନ୍ଦିର ସମ୍ମୁଖରେ ୫ଫୁଟ ଉଚ୍ଚର ଏକ ମଣ୍ଡପ ଉପରେ ୨୫ଟନ୍ ବିଶିଷ୍ଟ ଗୋଟିକିଆ ପଥରରେ ନିର୍ମିତ ବୃଷଭ ମୁଖ୍ୟ ମନ୍ଦିରକୁ ମୁହଁକରି ବିରାଜମାନ। ଏହି ମଣ୍ଡପ ଉପରେ ଷୋଳଟି ସ୍ତମ୍ଭ ଉପରେ ଛାତ ଅବସ୍ଥିତ। ନନ୍ଦୀଙ୍କର ଉଚ୍ଚତା ୨ମି. ଲମ୍ୱ ୬ମି ଓ ପ୍ରସ୍ଥ ୨୫ମି.। ନନ୍ଦୀମଣ୍ଡପରୁ ପାହାଚ ଚଢ଼ି ମୁଖ୍ୟ ମଣ୍ଡପରେ ପ୍ରବେଶ କରନ୍ତି। ଏହି ମନ୍ଦିରର ଏକ ହଜାର ବର୍ଷ ପୂର୍ତ୍ତି ଉପଲକ୍ଷେ ୨୦୧୦ ମସିହା ସେପ୍ଟେମ୍ବର ମାସରେ ରାଜ୍ୟ ସରକାରଙ୍କ ତରଫରୁ ବିରାଟ ଉତ୍ସବ ପାଳନ କରାଯାଇଥିଲା। ଭାରତ ସରକାର ମଧ୍ୟ ୨୦୧୦ ମସିହାରେ ପାଞ୍ଚ ଟଙ୍କିଆ ମୁଦ୍ରା ପ୍ରଚଳନ କରିଥିଲେ। ଏଥିରେ ତାଞ୍ଜାଭୁରର ବୃହଦେଶ୍ୱର ମନ୍ଦିର ସ୍ଥାନ ପାଇଥିଲା। ଡାକ ବିଭାଗ ମଧ୍ୟ ୧୦୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ମନ୍ଦିର ଚିତ୍ର ଥିବା ପାଞ୍ଚ ଟଙ୍କିଆ ଡାକ ଟିକେଟ ପ୍ରଚଳନ କରିଥିଲେ। ଆଉ ମଧ୍ୟ ଏକ ହଜାର ନୃତ୍ୟଶିଳ୍ପୀ ଭାରତର ତଥା ବିଦେଶର ବିଭିନ୍ନ ସ୍ଥାନରୁ ଆସି ଏଠାରେ ନୃତ୍ୟ ପରିବେଷଣ କରିଥିଲେ। ବହୁ ଧୁମ୍‌ଧାମରେ ପନ୍ଦର ଦିନ ଧରି ଉତ୍ସବ ପାଳନ କରାଯାଇଥିଲା। ଏହି ବିରାଟ ମନ୍ଦିର ଉତ୍କର୍ଷ ତାମିଲ କଳାକୃତିର ପରିଚୟ ଦିଏ। ମନ୍ଦିରର ଅନେକ ଭାଗ ପ୍ରାକୃତିକ କ୍ଷୟକ୍ଷତି ଓ କିଛି ଆକ୍ରମଣକାରୀଙ୍କ ଦ୍ୱାରା ବିନଷ୍ଟ ହୋଇଯାଇଥିବାର ଜଣାଗଲେ ମଧ୍ୟ ବିଭିନ୍ନ ସମୟରେ ନୂତନ ମଣ୍ଡପ, ପାର୍ଶ୍ୱ ମନ୍ଦିର ଇତ୍ୟାଦି ନିର୍ମାଣ କରାଯିବା ସହ ପୁରୁଣା କୃତିର ପୁନରୁଦ୍ଧାର କରାଯାଇଛି।

**ପ୍ଲଟ ନଂ-୧୦୮୨/ଡି, ମର୍କତନଗର,**
**ସିଡ଼ିଏ, ସେକ୍ଟର-୬, କଟକ,**
**ଦୂରଭାଷ : ୯୮୬୧୩୫୫୬୨୮**



ମନୋରଞ୍ଜନ



## ନୂଆ ସାଦର ଫିଲ୍ମ 'ନଅ ବାୟା'ର ମହୁରତ୍



ଭୁବନେଶ୍ୱର ସିଆରପିଏଫ ଛକ ସ୍ଥିତ ଶ୍ରୀ ଶ୍ରୀ ସଙ୍କଟ ମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଚଳଚ୍ଚିତ୍ର 'ନଅ ବାୟା' ର ଶୁଭ ମହୁରତ ଅନୁଷ୍ଠିତ ହେଇଯାଇଛି । ଡିଏମ୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏହି ଫିଲ୍ମଟିର ପ୍ରଯୋଜକ ହେଉଛନ୍ତି ଦେବାଶିଷ ମହାନ୍ତି ।'ନଅ ବାୟା'ର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ନାୟକ ଭୂମିକାରେ ଅମନ୍ ଅଭିନୟ କରୁଥିବା ବେଳେ ନାୟିକା ଚରିତ୍ରରେ ମନିଷା ଓ ଦେବସ୍ମିତା ଅଭିନୟ କରୁଛନ୍ତି । ଅନ୍ୟାନ୍ୟ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ (ଟିଲୁ ଭାଇ), ଦେବୁ ବ୍ରହ୍ମା, କୁନାଲ, ସୁମନ, ପ୍ରଶାନ୍ତ, ସୋମୁ, ଭକ୍ତି, ଗୋପାଳ, ମିଟୁ, ପ୍ରୀତିରଞ୍ଜନ, ସ୍ମୃତି(ନଟିଆ), ଦେବବ୍ରତ, ଡାଙ୍ଗ, ଲିପ୍ସା, ବିଭୁ, ଶଙ୍କର, ମାଙ୍କେ ଅଭିନୟ କରୁଛନ୍ତି । ନିର୍ଦ୍ଦେଶକ ନିରଞ୍ଜନ ବେହେରାଙ୍କ ପୂର୍ବ ସିନେମା ଭଳି ଏହା ମୌଳିକ କାହାଣୀ ଉପରେ ଆଧାରିତ । ଏହି ଫିଲ୍ମରେ କମେଡି, ଡ୍ରାମା, ଇମୋସନ୍ ଭରି ରହିଛି । ଏହି ସିନେମାରେ ସମାଜ ପାଇଁ ଏକ ବାର୍ତ୍ତା ରହିଛି । ଏହି ଚଳଚ୍ଚିତ୍ରର ଟାଇଟଲ୍ ଗୀତକୁ ୯ ଜଣ କଣ୍ଠଶିଳ୍ପୀ ଗାଇଛନ୍ତି । ସେମାନେ ହେଲେ ବିଷ୍ଣୁ, ସତ୍ୟଜିତ୍, ତାରିକ୍, ସଂଗ୍ରାମ, ବୈଭବ, ଚିରାଗ, ଏସ୍. ଜିତୁ, ଜେମ୍ସ ଓ ଅନ୍ତରା ଚକ୍ରବର୍ତ୍ତୀ । 'ନଅ ବାୟା'କୁ ସଙ୍ଗୀତରେ ସଜେଇଛନ୍ତି ବିଷ୍ଣୁ ମୋହନ କବି । କାହାଣୀ ଅନୁଯାୟୀ ଏହି ଚଳଚ୍ଚିତ୍ରରେ ୯ ଜଣ ବାୟା ଅଭିନୟ କରୁଛନ୍ତି । ଶିକ୍ଷକ, ନେତା, ଗାୟକ, ପ୍ରେମିକ, ଚୋର, କାଳେସୀ, ଯାତ୍ରା କଳାକାର ଓ ମଦୁଆ । ହେଲେ ୯ ନମ୍ବର ବାୟାଟି କିଏ ତାହା ଏକ ପ୍ରଶ୍ନବାଚୀ । ଏମାନେ ସବୁ ପରିସ୍ଥିତିରେ ପଡି ପାଗଳ ହେଇଯାଇଛନ୍ତି । ଏହି ୯ ଜଣ ବାୟା ଡ. ଅଭିଲିପ୍ସା ଦାସଙ୍କୁ ଭଲ ପାଉଛନ୍ତି ସତ ହେଲେ ତାଙ୍କୁ ବିବାହ କିଏ କରୁଛନ୍ତି, ଏ ସମସ୍ତ ପ୍ରଶ୍ନର ଉତ୍ତର ଦେବ 'ନଅ ବାୟା'। ଏହି ଚଳଚ୍ଚିତ୍ରର ଡ୍ରାମା ସିନ୍ ଓଡ଼ିଶା ଭିତରେ ଏବଂ ଗୀତ ବାହାର ଲୋକେସନ୍‌ରେ ସୁଟିଂ ହେବ ବୋଲି ପ୍ରଯୋଜକ ଦେବାଶିଷ ମହାନ୍ତି କହିଛନ୍ତି।

## ଅକ୍ଷୟଙ୍କ ସହ ଏକାଠି ହେଲେ ବିଦ୍ୟା

ଅକ୍ଷୟ କୁମାରଙ୍କ ସହ ବିଦ୍ୟା ବାଲାନ ପୁଣି ଏକ କମେଡ଼ି ଫିଲ୍ମରେ ଏକାଠି ଦେଖାହେବେ। ଶ୍ରୀ ଭେଙ୍କଟେଶ୍ୱର କ୍ରିଏସନ୍ସ ସେମାନଙ୍କର ଅଫିସିଆଲ୍ ଏକ୍ସ ହ୍ୟାଣ୍ଡେଲରେ ସେମାନଙ୍କର ଅନଟାଇଟଲ୍ଡ ମୁଭିର ଡେଟ୍ ବାବଦରେ ସ୍ପଷ୍ଟ କରିଛନ୍ତି। ଶ୍ରୀ ଭେଙ୍କଟେଶ୍ୱର କ୍ରିଏସନ୍ସ ଘୋଷଣା କରିଛି ଯେ ଅକ୍ଷୟ କୁମାର ଏବଂ ବିଦ୍ୟା ବାଲନଙ୍କ ଆଗାମୀ କମେଡି ଫିଲ୍ମ, ଯାହା ନିର୍ଦ୍ଦେଶିତ ଅନୀସ ବାଜମୀ, ଡିସେମ୍ବର ୪, ୨୦୨୬ ରେ ସାରା ବିଶ୍ୱରେ ରିଲିଜ୍ ହେବ। ଅକ୍ଷୟ କୁମାର ଏବଂ ବିଦ୍ୟା ବାଲନ ସେମାନଙ୍କର ଚତୁର୍ଥ ଫିଲ୍ମରେ ଏକାଠି ନଜର ଆସିବେ। ସେମାନେ ପୂର୍ବରୁ 'ଭୁଲ ଭୁଲୈୟା' (୨୦୦୭), 'ହେ ବେବି' (୨୦୦୭), ଏବଂ 'ମିଶନ ମଙ୍ଗଲ' (୨୦୧୯) ଭଳି ହିଟ୍ ଫିଲ୍ମରେ ଏକାଠି ଦେଖାଦେଇଛନ୍ତି । ଏବେ, ସେମାନେ ଅନୀସ ବାଜମୀଙ୍କ ନିର୍ଦ୍ଦେଶିତ ଏବଂ ଦିଲ ରାଜୁଙ୍କ ପ୍ରଯୋଜିତ ଏକ ନୂତନ କମେଡି-ଡ୍ରାମା ଫିଲ୍ମ ପାଇଁ ପୁଣି ଏକାଠି ହେବାକୁ ଯାଉଛନ୍ତି ।



## ଅଞ୍ଜଳୀକୁ ପସନ୍ଦ କଲେ ମୀରା



ଚିତ୍ରଶିଳ୍ପୀ ଅମୃତା ଶେର-ଗିଲ୍‌ଙ୍କ ଜୀବନଶୈଳୀକୁ ନେଇ ନିର୍ମାଣ ହେବ ଏକ ବାୟୋପିକ ଫିଲ୍ମ। ଯାହା ପାଇଁ ନାୟିକା ଖୋଜା ଚାଲିଥିଲା। ଶେଷରେ ଅଞ୍ଜଳୀଙ୍କୁ ମନୋନୀତ କରାଯାଇଥିବା ଜଣାଯାଇଛି। ବହୁ ପ୍ରତୀକ୍ଷିତ ବାୟୋପିକ୍‌ରେ ହଙ୍ଗେରୀୟ-ଭାରତୀୟ ଚିତ୍ରଶିଳ୍ପୀ ଅମୃତାଙ୍କ ଭୂମିକା ପାଇଁ ମୀରା ଦୀର୍ଘ କାଳରୁ ଉପଯୁକ୍ତ ଅଭିନେତ୍ରୀ ଖୋଜୁଥିଲେ ମୀରା ନାୟାର। ମୁମ୍ବାଇ, ଲଣ୍ଡନ ଓ ନ୍ୟୁୟର୍କ ସହରର ୧୦୦ରୁ ଅଧିକ ଅଭିନେତ୍ରୀଙ୍କ ଅଡିସନ୍ ନେବା ପରେ ମୀରା ଏଥିପାଇଁ ଅଞ୍ଜଳି ଶିବରମଣଙ୍କୁ ବାଛିଛନ୍ତି। ୩୧ ବର୍ଷୀୟ ଅଞ୍ଜଳିଙ୍କ ଜନ୍ମ କେରଳରେ ହୋଇଥିବାବେଳେ ଗତ ବର୍ଷ ମୁକ୍ତିଲାଭ କରିଥିବା 'ବ୍ୟାଡ୍ ଗର୍ଲ' ଚଳଚ୍ଚିତ୍ରରେ ବିଶେଷ ଭୂମିକାରେ ଅଭିନୟ କରିଥିବା ଦେଖିବାକୁ ମିଳିଥିଲା। ଏହି ବାୟୋପିକରେ ଅଞ୍ଜଳୀ ହିଁ ଚରିତ୍ରକୁ ନ୍ୟାୟ ଦେଇପାରିବେ ବୋଲି କହିଛନ୍ତି ମୀରା।



## ଲଭ ମୁଭି ଅଫ୍ କ୍ୟାମ୍ପସ

ଆମେରିକାନ ଲଭ ସିକ୍ୱେନ୍ସକୁ ନେଇ ନିର୍ମାଣ କରାଯାଇଛି ଫିଲ୍ ଅଫ୍ କ୍ୟାମ୍ପସ। ଅଫ୍ କ୍ୟାମ୍ପସ୍‌କୁ ଲୁଇସା ଲେଭିଙ୍କ ଦ୍ୱାରା ପ୍ରମୋଟ୍ କରାଯାଇଛି। ଏହାର ଶୋ-ରନର୍ ନିଜେ ଲୁଇସା ଏବଂ ଜିନା ଫାଟୋର। ଏହି କଳାକାରମାନଙ୍କ ମଧ୍ୟରେ ଏଲା ବ୍ରାଇଟ୍ ଏବଂ ବେଲମୋଣ୍ଟ କାମେଲି ପ୍ରମୁଖ ଭୂମିକାରେ ଅଛନ୍ତି। ସେମାନଙ୍କ ସହିତ, ମିକା ଅବଦାଲ୍ଲା, ଆଣ୍ଟୋନିଓ ସିରିଆନୋ, ଜାଲେନ୍ ଥମାସ, ଜୋଶ୍ ହ୍ୟୁଷ୍ଟନ୍ ଏବଂ ଷ୍ଟିଫେନ୍ କାଲିନ୍ ସମେତ ଅନ୍ୟାନ୍ୟ କଳାକାର ମଧ୍ୟ ଅଛନ୍ତି। ହାନା ୱେଲ୍ସର, ଯିଏ ଜଣେ ପ୍ରତିଭାବାନ କିନ୍ତୁ ଲାଜକୁଳା ସଙ୍ଗୀତ ଛାତ୍ର। ଗ୍ୟାରେଟ୍ ଗ୍ରାହାମ୍ ଜଣେ ଆତ୍ମବିଶ୍ୱାସୀ ହକି ଅଧିନାୟକ। ସେମାନେ ଏକ ନକଲି ଡେଟିଂ ସେଟ୍-ଅପ୍ ମାଧ୍ୟମରେ ଡେଟିଂ ଆରମ୍ଭ କରିଥିଲେ। ଏହି ପ୍ରେମ କାହାଣୀକୁ ନେଇ ଫିଲ୍ମଟି ଗତିଶୀଳ ହୋଇଛି। ପ୍ରେମକୁ ନେଇ ରହିଛି ଅନେକ ଭାବପ୍ରବଣତା ଏହି ଫିଲ୍ମରେ। ସେମାନେ ଏକ ପ୍ରେମ ସମ୍ପର୍କ ରଖିବାର ଅଭିନୟ କରନ୍ତି ଏବଂ ଧୀରେ ଧୀରେ ଭଲ ପାଇବା ବୃଦ୍ଧି ହୁଏ।



## ଜନନାୟକ ହେବା ପରେ ରିଲିଜ୍ ହେବ 'ଜନନାୟକନ'

ଜନନାୟକନ ଥଲାପତିଙ୍କ ସୁପର ହିଟ୍ ଫିଲ୍ମ ଭାବରେ ଦର୍ଶକଙ୍କ ମନ କିଣିବ ବୋଲି ଆଶା କରାଯାଉଛି। ରାଜନୀତିରେ ପ୍ରବେଶ କରିବା ଓ ଚର୍ଚ୍ଚାକୁ ଆସି ସରକାର କରିବା ପରେ ଏହା ତାଙ୍କର ପ୍ରଥମ ଫିଲ୍ମ ଭାବରେ ରିଲିଜ୍ ହେବ। ଏହି ଚଳଚ୍ଚିତ୍ରରେ ପୂଜା ହେଗଡେ, ବବି ଦେଓ୍ୱଲ, ମମିତା ବୈଜୁ ଏବଂ ଗୌତମ ବାସୁଦେବ ମେନନଙ୍କ ଭଳି ତାରକା ମାନେ ନଜର ଆସିବେ। ଏଚ୍. ବିନୋଦଙ୍କ ନିର୍ଦ୍ଦେଶନାରେ ତିଆରି ହୋଇଥିବା ଏହି ଚଳଚ୍ଚିତ୍ରଟି ବିଜୟଙ୍କ ସିନେମା ଜୀବନର ଶେଷ ଓ ରାଜନୀତି ଜୀବନର ଆରମ୍ଭ ବୋଲି ଚର୍ଚ୍ଚା ଧରିଛି। ବିଜୟଙ୍କ ରାଜନୈତିକ ଯାତ୍ରା ମଧ୍ୟରେ ଏହି ଚଳଚ୍ଚିତ୍ରକୁ ତାଙ୍କ କ୍ୟାରିଅରର ସବୁଠାରୁ ବିଶେଷ ଚଳଚ୍ଚିତ୍ର ଭାବେ ବିବେଚନା କରାଯାଉଛି। ଚଳଚ୍ଚିତ୍ରର ପ୍ରଯୋଜକ ଭେଙ୍କଟ କେ. ନାରାୟଣ କହିଛନ୍ତି ଯେ 'ଜନ ନାୟକନ' ଆସନ୍ତା ୧୪ ଦିନ ମଧ୍ୟରେ ମୁକ୍ତିଲାଭ କରିପାରେ। ଚଳଚ୍ଚିତ୍ରର କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣପତ୍ର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଅଛି ଏବଂ ବୋର୍ଡ ସହ ଆଲୋଚନା ଚାଲିଥିବାରୁ ମୁକ୍ତିଲାଭରେ ସାମାନ୍ୟ ବିଳମ୍ବ ହେଉଛି ବୋଲି ପ୍ରଯୋଜନା ସଂସ୍ଥା କହିଛି। ତାମିଲ ରାଜନୀତିରେ ସିନେମା ପରି ରାଜନୀତିର ପଟ୍ଟ ପରିବର୍ତ୍ତନ ଥଲାପତିଙ୍କ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଉତ୍ସାହ ଖେଳାଇ ଦେଇଛି। ଯାହା ଜଣାପଡୁଛି, ଜୁନ୍ ୨୨ରେ, ଅର୍ଥାତ୍ ବିଜୟଙ୍କ ଜନ୍ମଦିନରେ, ଚଳଚ୍ଚିତ୍ରଟି ରିଲିଜ୍ ହୋଇପାରେ।



# ବିଦ୍ୟାର୍ଥୀଙ୍କ ପାଇଁ ସୋସିଆଲ ମିଡ଼ିଆ

ଡକ୍ଟର ସୁରେଶ କୁମାର ନାୟକ



ସନ୍ଧ୍ୟା ୭ଟାରେ କର୍ଣ୍ଣାଟକର ବେଲଗାଭି ନିକଟସ୍ଥ ଏକ ଗ୍ରାମ ହାଲଗାରେ ସାଇରନ ବାଜୁଛି ଏବଂ ପରବର୍ତ୍ତୀ ଦୁଇ ଘଣ୍ଟା ପାଇଁ ଟେଲିଭିଜନ, ମୋବାଇଲ ଫୋନ, ଲାପଟପ୍ ଓ ଟାବଲେଟ୍ ସମେତ ସମସ୍ତ ସ୍କ୍ରିନ ବନ୍ଦ ହୋଇଯାଉଛି। ସନ୍ଧ୍ୟା ସମୟରେ ଛାତ୍ରମାନଙ୍କ ପାଠପଢ଼ା ଏବଂ ପରିବାର ଗୋଷ୍ଠୀର ପାରସ୍ପରିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏକ ଗୋଷ୍ଠୀଗତ ପ୍ରୟାସ। ଡିଜିଟାଲ ଡିଟକ୍ସ ପଦକ୍ଷେପ ନୋ ଟିଭି, ନୋ ମୋବାଇଲ, କେବଳ ଅଧ୍ୟୟନ ଓ ବାର୍ତ୍ତାଳପ କର୍ଣ୍ଣାଟକର ଏକ ଗ୍ରାମ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରଥମ ପଦକ୍ଷେପ ବୋଲି କୁହାଯାଉଛି। ଏହି ଗାଁ ବେଲଗାଭି ସହର ଉପକଣ୍ଠରେ ସୁବର୍ଣ୍ଣ ବିଧାନ ସୌଧ ନିକଟରେ ଅବସ୍ଥିତ।

ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସାଇରନ ସିଷ୍ଟମ ଲଗାଯାଇଛି। ପ୍ରତିଦିନ ସନ୍ଧ୍ୟା ୭ଟାରେ ନୋ ସ୍କ୍ରିନ ପିରିୟଡ଼ ଆରମ୍ଭ ହେବା ପାଇଁ ସାଇରନ ବଜାଯାଏ। ରାତି ୯ଟାରେ ଏହା ଶେଷ ହେବାର ସଙ୍କେତ ଦେବା ପାଇଁ ପୁନର୍ବାର ବାଜିଥାଏ। ଡିସେମ୍ବର ୧୭ରେ ଏହି ପଦକ୍ଷେପ ଆରମ୍ଭ ହେବା ପରଠାରୁ ଜରୁରୀକାଳୀନ ପରିସ୍ଥିତି ବ୍ୟତୀତ ବାସିନ୍ଦାମାନେ ପ୍ରତିଦିନ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ମୋବାଇଲ ଫୋନ ଓ ଟେଲିଭିଜନ ସେଟ ବ୍ୟବହାର ବନ୍ଦ କରିଦେଇଛନ୍ତି। ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷ ସେହି ବାସିନ୍ଦାଙ୍କ ନିକଟରେ ପହଞ୍ଚୁଛନ୍ତି ଯେଉଁମାନେ ଏ ପର୍ଯ୍ୟନ୍ତ ନିୟମକୁ ପାଳନ କରିନାହାଁନ୍ତି ଏବଂ ସେମାନଙ୍କୁ ଦୁଇଘଣ୍ଟା ପରଦାରୁ ଦୂରେଇ ରହିବାକୁ ଅନୁରୋଧ କରୁଛନ୍ତି। ରିପୋର୍ଟ ଅନୁଯାୟୀ ଗ୍ରାମପଞ୍ଚାୟତ ସଦସ୍ୟ ଏବଂ ଶିକ୍ଷକମାନେ ମଧ୍ୟ ବ୍ୟକ୍ତିଗତ ଭାବେ ଘର ପରିଦର୍ଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି ଏବଂ ସମସ୍ତ ଅଭିଭାବକଙ୍କୁ ନୋ ସ୍କ୍ରିନ ଟାଇମଲାଇନ ପାଳନ କରିବାକୁ ଅନୁରୋଧ କରିଛନ୍ତି। ମହାରାଷ୍ଟ୍ରର ସାଙ୍ଗଲି ନିକଟସ୍ଥ ଅଗ୍ରନ ଧୁଲଗାଓଁରେ ହୋଇଥିବା ସମାନ ପରୀକ୍ଷଣ ଦ୍ୱାରା ହଲାଗା ଗ୍ରାମ ଅନୁପ୍ରାଣିତ ବୋଲି କୁହାଯାଉଛି, ଯାହା ଛାତ୍ରମାନଙ୍କ ପାଠପଢ଼ା ଉପରେ ସକାରାତ୍ମକ ପ୍ରଭାବ ପକାଇବ।

ଉପରୋକ୍ତ ଘଟଣାଟି କେବଳ ଏକ ଖବର ନୁହେଁ ଏହା ଆମ ସମସ୍ତଙ୍କୁ ଏକ ଯଥାର୍ଥ ଶିକ୍ଷା ଦେବା ପରି। ସାମାଜିକ ଗଣମାଧ୍ୟମ ଏକ ‘ଡିଜିଟାଲ ଲୋକାଭିମୁଖୀ ମଞ୍ଚ,’ ଯାହା ମାଧ୍ୟମରେ ବ୍ୟବହାରକାରୀ ବିଭିନ୍ନ ସତ୍ୟ ଆଧାରିତ ତଥ୍ୟ ଓ ଉତ୍ତମ ଭାବନାକୁ ସହଜରେ ଆଦାନ ପ୍ରଦାନ କରି ନୂତନ ସମ୍ପର୍କ, କାର୍ଯ୍ୟ ଆଦି ସମାପନ କରିବା ସହିତ ଉତ୍ତମ ଭବିଷ୍ୟତ ଗଠନ କରିବାର ସୁଯୋଗ ପାଇଥାଆନ୍ତି। ସେହି ଦୃଷ୍ଟିରୁ ଆଜିର ଡିଜିଟାଲ ଯୁଗରେ ସାମାଜିକ ଗଣମାଧ୍ୟମର ଯୋଗଦାନକୁ ଅଣଦେଖା କରାଯାଇନପାରେ।

ସାମାଜିକ ଗଣମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସଂପୃକ୍ତି ଦିନକୁ ଦିନ ବଢ଼ୁଛି। ଆବାଳବୃଦ୍ଧବନିତା ଇନଷ୍ଟାଗ୍ରାମ, ଫେସବୁକ୍, ହ୍ୱାଟସ୍ଆପ୍, ଇ-ମେଲ, ୟୁ-ଟ୍ୟୁବ, ଏକ୍ସ(ଟ୍ୱିଟର)ରେ ଏପରି ଅଭ୍ୟସ୍ତ ହୋଇଗଲେଣି ଯେ, ମନେ ହେଉଛି ଏସବୁ ଆଜିକାଲିର ଦୈନନ୍ଦିନ ଆବଶ୍ୟକତା! ବିଦ୍ୟାର୍ଥୀଙ୍କ ପାଇଁ ଏହା ବେଶ ଲାଭଦାୟକ। ଯେ କୌଣସି ଜଟିଳ ସମସ୍ୟା ଅବିଳମ୍ବେ ସମାଧାନ ହୋଇପାରୁଛି। ବିଭିନ୍ନ ବିଷୟଭିତ୍ତିକ ଶିକ୍ଷା ବିଷୟରେ ଜାଣି ହେଉଛି। ଆଜିକାଲି ଯେ କୌଣସି ପ୍ରଶ୍ନର ଉତ୍ତର ପାଇବା ବେଶ ସହଜସାଧ୍ୟ। ପ୍ରକାଶ ଥାଉକି କୋଭିଡ୍ ସମୟରେ ଏହା ସମସ୍ତଙ୍କ ପାଇଁ ବରଦାନ ପାଲଟିଥିଲା। ସଂଗରୋଧ ହୋଇ ସୁଦ୍ଧା ପିଲାମାନେ ଗୁଗଲ ମିଟ, ଜୁମ୍ ମାଧ୍ୟମରେ ଶିକ୍ଷା ଲାଭ କରିପାରିଥିଲେ। ସାମାଜିକ ଗଣମାଧ୍ୟମ ବିଦ୍ୟାର୍ଥୀ ମାନଙ୍କ ପାଇଁ ଜରୁରୀ ଆବଶ୍ୟକତା। ପରିବାର ସହିତ ସାଙ୍ଗମାନଙ୍କୁ ଯୋଡ଼ି ରଖିବାର ଅତ୍ୟାବଶ୍ୟକ ସାଧନ।



ସୋସିଆଲ ମିଡ଼ିଆ ବିଦ୍ୟାର୍ଥୀଙ୍କ ଦରକାରୀ ବନ୍ଧୁ ପାଲଟିଛି ସତ କଥିତ ଅଛି - ଯେ ଆବଶ୍ୟକ ସମୟରେ ପାଖରେ ଛିଡ଼ା ହୁଏ ସେ ହିଁ ପ୍ରକୃତ ବନ୍ଧୁ। ସେ ହିସାବରେ ମୋବାଇଲ ବନ୍ଧୁ ପଦବାଚ୍ୟ। ତା’ମାଧ୍ୟମରେ ବହୁ ସମସ୍ୟାର ନିରାକରଣ ସମ୍ଭବ ହୁଏ। ବହୁ ପ୍ରକାରର ବାଟ ଦେଖାଏ। ରୋଜଗାର ପନ୍ଥା ସହିତ ଭାଗ୍ୟ ନିର୍ଦ୍ଧାରଣ, ଉପଯୁକ୍ତ ଲକ୍ଷ୍ୟ ଚୟନ ଦିଗରେ ବେଶ ସହାୟକ ହୁଏ। ଆଜିକାଲି ପାଠପଢ଼ାର ଚାପ ପିଲାମାନଙ୍କ ଚିନ୍ତାଚେତନାକୁ ସଂକୁଚିତ କରି ରଖିଥିବାବେଳେ ସାମାଜିକ ଗଣମାଧ୍ୟମ ସେମାନଙ୍କ କଳାକୁଶଳତାକୁ ପ୍ରଦର୍ଶିତ କରିବାକୁ ପ୍ରେରଣାର ଉତ୍ସ ପାଲଟିଛି। ନାଚ ଗୀତ ସଂପର୍କିତ ଜ୍ଞାନ ଆହରଣ କରିବା ସହଜତର ହେବା ସହିତ ନିଜ ବୁଦ୍ଧିମତା ଦ୍ୱାରା ୟୁଟ୍ୟୁବ, ଇନଷ୍ଟାଗ୍ରାମରୁ ଅର୍ଥ ଉପାର୍ଜନ କରିପାରୁଛନ୍ତି ପିଲାମାନେ। ବୁଣାବୁଣି, ସିଲେଇ, ହେୟାର କଟିଂ ପରି ବିଭିନ୍ନ ବିଷୟଭିତ୍ତିକ ଶିକ୍ଷା ହାସଲ କରିବାର ସହଜସାଧ୍ୟ ମାଧ୍ୟମ ହେଉଛି ସାମାଜିକ ଗଣମାଧ୍ୟମ। ବିଦ୍ୟାର୍ଥୀଙ୍କ ବନ୍ଧୁ ପାଲଟି ବିସ୍ତୃତ ଜ୍ଞାନଭଣ୍ଡାର ସହିତ ସେମାନଙ୍କୁ ପରିଚିତ କରାଇଛି। ସେଥିପାଇଁ ଆଜିକାଲି ରୋଜଗାର କରିବା ବିକଟ ସମସ୍ୟା ହୋଇ ନାହିଁ। ଏତେ ପ୍ରକାରର ବ୍ୟବସ୍ଥାନୁସାରେ ପିଲାଟିଏ ଅନ୍ତତଃ ନିଜ ଭିତରର କ୍ଷମତାକୁ ବୁଝି ତଦନୁଯାୟୀ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିପାରୁଛି। ତେବେ ଓଡ଼ିଆରେ ଏକ ଲୋକକଥା ଅଛି - ‘ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ’। ତେଣୁ ପିଲାମାନେ ଅଧିକ ସମୟ ପୁସ୍ତକ ବା ଷ୍ଟଡି ମ୍ୟାଟେରିଆଲ ଠାରୁ ଦୂରେଇ ଏଥିରେ ଅଭ୍ୟସ୍ତ ରହିବା ଦ୍ୱାରା ସେମାନଙ୍କ ବୌଦ୍ଧିକ ଶକ୍ତି ସମ୍ପୂର୍ଣ୍ଣରୂପେ ସୋସିଆଲ ମିଡ଼ିଆର ବନ୍ଧୁ ଉପରେ ନିର୍ଭରଶୀଳ ହେଉଥିବାରୁ ଏହାକୁ ସୀମିତ ସମୟ ସହ ବ୍ୟବହାର କରିବା ବାଞ୍ଛନୀୟ।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,**
**ସିଡିଏ, କଟକ,**
**ଦୂରଭାଷ : ୯୪୩୭୨୨୫୫୯୨**



## ଜ୍ଞାନ ବିଜ୍ଞାନ

# କାମିକା ରବରର ଆଗମନ



**ସାଗରିକା ରାଉତ**
ଜିଲ୍ଲା ବିଜ୍ଞାନ ପରିଦର୍ଶିକା, କଟକ

ରବର ଆମ ଦୈନିକ ଜୀବନର ଅବିଚ୍ଛେଦ୍ୟ ସାମଗ୍ରୀ। ଆମେରିକାର ବୈଜ୍ଞାନିକ ଚାର୍ଲ୍ସ ଗୁଡୟର କାଚାଓଗଛର ରସକୁ ବ୍ୟବହାର କରି ବୃକ୍ଷଜ ରବରକୁ କରିବାକୁ ଗବେଷଣା ବର୍ଷ ବର୍ଷ ଧରି କରୁଥିଲେ। ରବର ଗରମରେ ତରଳି ଯାଇ। ଥଣ୍ଡା ହେଲେ ଟାଣ ହୋଇ ଭଙ୍ଗୁର ହୋଇଯାଏ। ଏହାର ଜଳ ନିରୋଧକ, ହାଲୁକା, ଗୁଣ ପାଇଁ ଅନେକ ଗୁଡ଼ିଏ ଉପଯୋଗୀ ସାମଗ୍ରୀ ଏଥିରୁ ତିଆରି ହୋଇ ପାରିବ ବୋଲି କଳ୍ପନା ଥାଏ। ଏଣୁ ଏହାକୁ କଠିନ ନମନୀୟ ଉତ୍ତାପ ସହିଷ୍ଣୁ କରିବାକୁ ସେ ଉଦ୍ୟମ କରୁଥିଲେ। ଗବେଷଣା ବ୍ୟୟ ବହୁଳ ଥିଲା, ଖର୍ଚ୍ଚ କରି କପର୍ଦ୍ଦକ ଶୂନ୍ୟ ହୋଇଗଲେ। ପାଉଣାଦାରମାନେ ତାଙ୍କୁ ଜେଲରେ ଭର୍ତ୍ତି କରିଥିଲେ। ନିଜକୁ ଦେବାଳିଆ ଘୋଷଣା କରି ସେ ମୁକ୍ତିପାଇଥିଲେ। ଗବେଷଣା ଅବ୍ୟହତ ରହିଲା, ନିଜର ସବୁକିଛି ବିକି ଭାଙ୍ଗି ସେ ସାଧନା ଜାରି ରଖିଲେ। ଦୁଇବର୍ଷ ବିତିଗଲା ସଫଳତା ମିଳିଲା ନାହିଁ। ଶେଷରେ ୧୮୩୯ ମସିହା ଶୀତକାଳ ଦୁଇଦିନ ଅଭାବ ଯୋଗୁ ଉପବାସରେ ରହିବାକୁ ହେଲା। ଶୀତ ପୋଷାକ ନାହିଁ ଟଙ୍କାପଇସା ପକେଟ୍‌ରେ ନାହିଁ। ନିଷ୍ପତ୍ତି କଲେ। ଗନ୍ଧକ ଖାଇ ଜୀବନ ହାରିଲେ। ଘର ପାଖ ଦୋକାନରୁ ନିଜର ଯୋତା ବଦଳରେ ଗନ୍ଧକ ଆଣିଲେ। ବିଚାର କଲେ ରବର ତାଙ୍କ ଦୁର୍ଭାଗ୍ୟର କାରଣ, ଗନ୍ଧକକୁ ସେହି ରବର ସହ ମିଶାଇ ଖାଇ ଆତ୍ମହତ୍ୟା କରିବେ। ଅନାହାର ଓ ଛାଡ଼ରେ ତାଙ୍କ ଗୋଡ଼ ହାତ ଥରୁଥିଲା। କୌଣସି ମତେ ଚୂଲି ଜଳାଇ କଡେଇରେ ସଲଫର୍ ଓ ରବରକୁ ଏକାଠି ଗାଳିଦେଲେ। ସେଠାରେ ବେହୋସ ହୋଇ ପଡ଼ିଗଲେ। ପରଦିନ ଖରା ପଡ଼ିଲା ପରେ ତାଙ୍କର ଚେତା ଆସିଲା। ସେତବେଳକୁ ଚୁଲୀ ଲିଭିଯାଇ ଥାଏ। ଥଣ୍ଡା କଡେଇ ସେ ହାତ ପୁରେଇ ନୂଆ ପଦାର୍ଥ ପାଇଲେ। ତାକୁ ଉତ୍ତପ୍ତ ଓ ଶୀତଳ କରି ଅନୁଧ୍ୟାନ କରି ଜାଣିଲେ ତାଙ୍କ ଲକ୍ଷ୍ୟସ୍ଥଳରେ ସେ ପହଞ୍ଚି ସାରିଛନ୍ତି। ଆତ୍ମହତ୍ୟା ଉଦ୍ୟମ ନୋହିଲା। ନିହାତି ଗରୀବ ଅବସ୍ଥାରୁ ଗବେଷଣା ସଫଳତା ତାଙ୍କୁ କୋଟିପତି କରି ଦେଲା। ତାଙ୍କ ଆବିଷ୍କାର ଭଲକାନାଇଜଡ ରବର ପଥ ପରିବହନରେ ବଡ ଧରଣର ବିପ୍ଳବ ଆଣିଛି।

# ବାତିଲ ‘ନିଟ୍’ ଓ ମେଧାବୀଙ୍କ ଭବିଷ୍ୟତ

ପ୍ରଫେସର ଡାକ୍ତର ସମ୍ରାଟ କର

**ଭାରତର ସବୁଠାରୁ ବଡ଼ ମେଡ଼ିକାଲ ପ୍ରବେଶିକା ପରୀକ୍ଷା କୁହାଯାଉଥିବା ନିଟ୍ ୟୁଜି- ୨୦୨୬ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର ଅଭିଯୋଗ ହେବାପରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ମେ’ ୩ରେ ହୋଇଥିବା ନିଟ୍ ୟୁଜି- ୨୦୨୬ ପରୀକ୍ଷାକୁ ବାତିଲ କରିଛନ୍ତି ଓ ପୁନର୍ବାର ପରୀକ୍ଷା କରାଯିବ ବୋଲି ସୂଚନା ଦେଇଛନ୍ତି। ଭାରତ ତଥା ବିଦେଶରେ ପାଞ୍ଚହଜାର ଚାରିଶହ ବତିଶ କେନ୍ଦ୍ରରେ ପରୀକ୍ଷା ଦେଇଥିବା ବାଇଶ ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କ ପାଇଁ ଏହା ନିଶ୍ଚିନ୍ତ ଭାବରେ ଯନ୍ତ୍ରଣାଦାୟକ। ଏହି ପ୍ରଶ୍ନ ପତ୍ର ଲିକ୍ ପରେ ଓଡ଼ିଶାର ପାଖାପାଖି ୫୫ ହଜାର ପରୀକ୍ଷାର୍ଥୀଙ୍କ ଭିତରେ ଦୁଃଶ୍ଚିନ୍ତା ଘାରିଛି।**

ଆମ ସମାଜରେ ଦ୍ୱିତୀୟ ଭଗବାନ ଭାବେ ଡାକ୍ତରୀ ବୃତ୍ତିକୁ ମର୍ଯ୍ୟାଦା ଦିଆଯାଏ ଏବଂ ଏହି ମର୍ଯ୍ୟାଦାଜନକ ଓ ତୀବ୍ର ପ୍ରତିଯୋଗିତାମୂଳକ ବୃତ୍ତି ପାଇଁ ଆବଶ୍ୟକ ପଡ଼ିଥାଏ ନିଟ୍ ପରୀକ୍ଷା। କିନ୍ତୁ ଚଳିତଥର ଏହି ନିଟ୍ ବ୍ୟବସ୍ଥା ଏପରି ଆଲୋଡ଼ନ, ଆଲୋଚନା ସୃଷ୍ଟି କରିଛି ଯେ ଯାହା ପୂର୍ବରୁ କେବେ ହୋଇ ନଥିଲା। ଏଭଳି ସ୍ଥଳେ ଛାତ୍ରଛାତ୍ରୀମାନଙ୍କ ପ୍ରସ୍ତୁତି ଓ ପ୍ରତିଦ୍ୱନ୍ଦ୍ୱିତାର ସ୍ତର କିଭଳି ଉଚ୍ଚ ହୋଇଥାଏ, ତାହା କେବଳ ଅନୁମାନ ସାପେକ୍ଷ। ଏହି କାରଣରୁ ରାଜସ୍ଥାନର କ୍ଷେତ୍ର ପାଲଟି କୋଟା ତହିଁରେ ଥିବା ମେଡ଼ିକାଲ ଓ ଇଂଜିନିୟରିଂ କୋଚିଂ ସେଣ୍ଟର ଗୁଡ଼ିକ ସକାଶେ ଚୁମ୍ବକୀୟ ଆକର୍ଷଣ କ୍ଷେତ୍ର ପାଲଟି କିଭଳି ଏକ କିମ୍ବଦନ୍ତୀ ସ୍ୱରୂପ ଲାଭ କଲାଣି, ତାହା ଦେଶ ବିଦେଶରେ ଚର୍ଚ୍ଚାର ବିଷୟବସ୍ତୁ ହୋଇଛି। ଗତ ବର୍ଷ ଏନଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଓ ରେଜଲ୍ଟ ବିଭ୍ରାଟ ସମଗ୍ର ଭାରତରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏହାକୁ ନେଇ ଦିନକୁ ଦିନ ନାନା ବିବାଦ ସୃଷ୍ଟି ହେଉଥିବାବେଳେ ଚଳିତ ବର୍ଷ ପ୍ରଶ୍ନ ପତ୍ର ପ୍ରଘଟ ଖବର ପିଲାଙ୍କ ମାନସିକ ଉପରେ କେଉଁପରି ପ୍ରଭାବ ଯେ ପକାଇବ ତାହା କହିବା ମୁସ୍କିଲ।

ପ୍ରଶ୍ନପତ୍ର ପ୍ରଘଟ ନିରୋଧ ଆଇନାନୁସାରେ ଗତବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରିଥିଲେ। ଯେଉଁଥିରେ ଅନ୍ୟ ପରୀକ୍ଷା ସହ କମ୍ପ୍ୟୁଟର ପର୍ଯ୍ୟବେସିତ ପରୀକ୍ଷା ଗୁଡ଼ିକ ନିମନ୍ତେ ଜାତୀୟ ନିଯୁକ୍ତି ସଂସ୍ଥା ଆବଶ୍ୟକ ଏସ୍‌ଓପି ଜାରି କରିବାକୁ ବାଧ୍ୟତାମୂଳକ କରାଯାଇଥିଲା। ବିଜ୍ଞପ୍ତି ଅନୁସାରେ, ପ୍ରତ୍ୟେକ ପରୀକ୍ଷା ଓ ପ୍ରବେଶିକା ପରୀକ୍ଷା ପୂର୍ବରୁ ସହଯୋଗୀ ସଂସ୍ଥା, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଆଦି ସହ ସମାଲୋଚନା କରି ଏନଆରଏ ଆବଶ୍ୟକ ଗାଇଡ଼ଲାଇନ, ଏସ୍‌ଓପି ଆଦି ପ୍ରସ୍ତୁତ କରିବ। ପ୍ରତି ପରୀକ୍ଷା ପୂର୍ବରୁ ଏହି ଗାଇଡ଼ଲାଇନ, ଏସଓପି ଗୁଡ଼ିକୁ କେନ୍ଦ୍ର ସରକାର ସର୍ବସାଧାରଣରେ ପ୍ରକାଶ କରିବେ। ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଞ୍ଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ।

ବର୍ତ୍ତମାନ ଏହି ପରୀକ୍ଷା ବାତିଲ ଓ ବିଭ୍ରାଟ ଆମ ପରୀକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କ ବିଶ୍ୱାସ ଉପରେ ନିଶ୍ଚିନ୍ତ ଭାବରେ ଗୁରୁତର ଆଘାତ। ଲକ୍ଷାଧିକ ଆଶାୟୀଙ୍କ ପ୍ରତି ଏହା କେବଳ ବିଶ୍ୱାସଘାତକତା ନୁହେଁ ବରଂ ପରିଶ୍ରମୀ ଛାତ୍ରଛାତ୍ରୀଙ୍କ କ୍ୟାରିୟରକୁ ଏହା ବିପଦରେ ପକାଇଛି। ତିନି ବର୍ଷ ଭିତରେ ଦୁଇଥର ବିଭ୍ରାଟ ହେବା ନିଶ୍ଚିନ୍ତ ଭାବରେ ଉଚ୍ଚତଦନ୍ତ ସାପେକ୍ଷ। କାରଣ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ଦାୟିତ୍ୱ ତୁଲାଇଥାଏ। ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ, ପେପର ଯାଞ୍ଚ କଥା ମଧ୍ୟ ବୁଝିଥାଏ ଏହି ସ୍ୱୟଂଶାସିତ ସଂସ୍ଥା। ତେବେ ଯେଉଁଭଳି ଭାବେ ଏହିଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ତ୍ରୁଟି ବିଚ୍ୟୁତି ସାମ୍ନାକୁ ଆସିଛି, ତାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧାରକୁ ନେବା ସହ ସରକାରଙ୍କୁ ଟାଣିଛି କାଠଗଡ଼ାକୁ। ବର୍ତ୍ତମାନ ପ୍ରଶ୍ନ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଛାତ୍ରଛାତ୍ରୀଙ୍କୁ କିଭଳି ମିଳିବ ନ୍ୟାୟ ? ପୂର୍ବରୁ ମେଡ଼ିକାଲ ଶିକ୍ଷା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବେଶିକା ପରୀକ୍ଷା ଏବଂ ସର୍ବଭାରତୀୟ କ୍ଷେତ୍ରରେ ଏ.ଆଇ.ପି.ଏମ୍.ଟି ପରୀକ୍ଷା ସମାନ୍ତରାଳ ଭାବେ ଚାଲୁଥିଲା। କିନ୍ତୁ ୨୦୧୬ରୁ ଦେଶବ୍ୟାପୀ ଡାକ୍ତରୀ ଶିକ୍ଷା ପାଇଁ କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା କରାଯାଇ ନିଟ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି।

ଏକ ତଥ୍ୟ ଅନୁଯାୟୀ ୨୦୧୯-୨୫ ମଧ୍ୟରେ ଆମ ଦେଶରେ ପ୍ରାୟତ ୩୮,୦୦୦ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ଶିକ୍ଷା ବ୍ୟବସ୍ଥାରେ ସାମାଜିକ ଓ ଆର୍ଥିକ ବୈଷମ୍ୟ ହିଁ ଏଥିପାଇଁ ମୂଳତଃ ଦାୟୀ। ଡାକ୍ତରୀ ଶିକ୍ଷାର କେନ୍ଦ୍ରୀକରଣ ଓ ବ୍ୟବସାୟୀକରଣ ହେବା ଦ୍ୱାରା ସଂଘୀୟ ବ୍ୟବସ୍ଥା ବ୍ୟାହତ ହେବା ସହ ଡାକ୍ତରୀ ପେଷାର ମୂଲ୍ୟବୋଧରେ ଅବକ୍ଷୟ ଘଟିଥିବା ମଧ୍ୟ ମତ ପ୍ରକାଶ ପାଇଛି। ୨୦୨୧ ମସିହାରେ ତାମିଲନାଡୁରେ ଏ କେ ରାଜନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଅନୁଯାୟୀ ନିଟ ପରୀକ୍ଷା ଗ୍ରାମାଞ୍ଚଳ ଓ ଗରିବ ପିଲାଙ୍କୁ ଡାକ୍ତରୀ ଶିକ୍ଷାରୁ ବଞ୍ଚିତ କରୁଛି। ଗତ ବର୍ଷ ନିଟ୍ ସମ୍ପର୍କିତ ବିବାଦ ପରେ ପ୍ରଶ୍ନପତ୍ର ପ୍ରଘଟ ନିରୋଧ ଆଇନାନୁସାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ବିଜ୍ଞପ୍ତି ଅନୁସାରେ, ପ୍ରତ୍ୟେକ ପରୀକ୍ଷା ଓ ପ୍ରବେଶିକା ପରୀକ୍ଷା ପୂର୍ବରୁ ସହଯୋଗୀ ସଂସ୍ଥା, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଆଦି ସହ ସମାଲୋଚନା କରି ଏନ୍‌ଆରଏ ଆବଶ୍ୟକ ଗାଇଡ଼ଲାଇନ, ଏସଓପି ଆଦି ପ୍ରସ୍ତୁତ କରିବ। ପ୍ରତି ପରୀକ୍ଷା ପୂର୍ବରୁ ଏହି ଗାଇଡ଼ଲାଇନ, ଏସ୍‌ଓପି ଗୁଡ଼ିକୁ କେନ୍ଦ୍ର ସରକାର ସର୍ବସାଧାରଣରେ ପ୍ରକାଶ କରିବେ। ଏସଓପିରେ ପରୀକ୍ଷା କେନ୍ଦ୍ରର ପ୍ରାକ ନିରୀକ୍ଷଣ, ପରୀକ୍ଷା କେନ୍ଦ୍ର ନିକଟରେ ପ୍ରାର୍ଥୀଙ୍କୁ ଯାଞ୍ଚ, ବାୟୋମେଟ୍ରିକ ପଞ୍ଜୀକରଣ, ସୁରକ୍ଷା ଓ ସ୍କ୍ରିନିଂ ପରୀକ୍ଷା କେନ୍ଦ୍ରରେ ବସିବା ସ୍ଥାନର ବ୍ୟବସ୍ଥା, ପ୍ରଶ୍ନପତ୍ର ସେଟିଂ ଏବଂ ପରୀକ୍ଷା ପରବର୍ତ୍ତୀ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ବିସ୍ତୃତ ନୀତି ରହିବ। ସୁତରାଂ ଏଥିରୁ ଉପଲବ୍ଧ ବିମର୍ଷକର ଉପସଂହାରଟି ହେଲା ଛାତ୍ରଛାତ୍ରୀଙ୍କୁ ଗଢ଼ିବାର ଦାୟିତ୍ୱ ନେଇଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକ ଅଧଃପତିତ ଏବଂ ଏଭଳି ପରିବେଶରେ ଅନେକ ଛାତ୍ରଛାତ୍ରୀଙ୍କ ନିରନ୍ତ୍ର ପରିଶ୍ରମ ଅଗତ୍ୟା ନିରର୍ଥକ ହୋଇଯାଏ। ଅପରପକ୍ଷରେ ବ୍ୟୟବହୁଳ ଶିକ୍ଷା ବ୍ୟବସ୍ଥା ଡାକ୍ତରଙ୍କ ସେବା ପରାୟଣତାକୁ କ୍ଷୁର୍ଣ୍ଣ କରୁଛି। ଏହି ଧାରା ଜାରି ରହିଲେ ଭବିଷ୍ୟତରେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଏହା ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ।

ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଆଗରେ ଦୁଇଟି ପ୍ରଶ୍ନ। ପ୍ରଥମଟି ହେଲା ଏ ବର୍ଷ ନିଟ-ୟୁଜି ପରୀକ୍ଷା ଦେଇଥିବା ପ୍ରାୟ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପ୍ରତି କିଭଳି ନ୍ୟାୟ କରାଯିବ ? ଯୋଗ୍ୟ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ଏଥିପାଇଁ କି ପ୍ରକାର ମାନସିକ ଚାପରେ ଥିବେ ତାହା ସହଜରେ ଅନୁମେୟ। ଏକ ତ ନିଟ୍-ୟୁଜି ପରୀକ୍ଷା ପାଇଁ ପିଲାମାନେ ବର୍ଷ ବର୍ଷ ଧରି କୋଚିଂ କ୍ଲାସରେ ନାଁ ଲେଖାଇ ଖର୍ଚ୍ଚାନ୍ତ ହୋଇ ପ୍ରସ୍ତୁତି କରୁଛନ୍ତି। ତାହା ପୁଣି ପରୀକ୍ଷାର୍ଥୀଙ୍କୁ ଯେଭଳି କଠିନ ପ୍ରତିଯୋଗିତା ଓ ମାନସିକ ଚାପର ସମ୍ମୁଖୀନ କରାଉଛି ସେଥିରେ ସହି ନପାରି ଅନେକ ଛାତ୍ର ଆତ୍ମହତ୍ୟା କରୁଛନ୍ତି ଅଥବା କୋଚିଂ ଛାଡ଼ି ପଳାଉଛନ୍ତି। ତା ପରେ ଯଦି ପରୀକ୍ଷା ଫଳ ପ୍ରକାଶନ ଓ ପରବର୍ତ୍ତୀ କାଉନସେଲିଂ ପ୍ରକ୍ରିୟା ଏଭଳି ଘୋର ଅନିଶ୍ଚିତତା ମଧ୍ୟରେ ଝୁଲି ରହିବ ତେବେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମନସ୍ଥିତି ସହଜେ ଅନୁମେୟ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେଉଁମାନେ ନିଟ୍ ପରୀକ୍ଷା ପରେ ସିୟୁଟି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛନ୍ତି ସେମାନଙ୍କର ଗୋଟିଏ ପରୀକ୍ଷା ୧୬ ଓ ୨୬ ତାରିଖରେ ରହିଛି, ଏଭଳି ସ୍ଥିତିରେ ପୁନର୍ବାର ନିଟ୍ ପରୀକ୍ଷା ପାଇଁ ପ୍ରସ୍ତୁତି କଷ୍ଟଦାୟକ ହେବ। ପିଲାମାନେ ଅନେକ ମାନସିକ ଚାପ ସହ ବର୍ଷ ବର୍ଷ ପରିଶ୍ରମ ଯାହା କରିଥାନ୍ତି ଏହାପଛରେ ପରିବାର ଠାରୁ ଶିକ୍ଷକ, ଶୁଭେଚ୍ଛୁଙ୍କ ଠାରୁ କୋଚିଂ କେନ୍ଦ୍ର ଅନେକଙ୍କର ଅନେକ ପ୍ରକାର ଉଦ୍ୟମ ଓ ପ୍ରଚେଷ୍ଟା ରହିଥାଏ। ଦ୍ୱିତୀୟ ପ୍ରଶ୍ନଟି ହେଲା ବର୍ତ୍ତମାନର ନିଟ୍ ପରୀକ୍ଷା ଓ ମୂଲ୍ୟାଙ୍କନ ପ୍ରକ୍ରିୟାରେ କେଉଁଠି ତ୍ରୁଟି ବିଚ୍ୟୁତି ରହୁଛି ତାହା ଅନୁଧ୍ୟାନ କରି ସୁଧାରିବା ପାଇଁ ଯେଉଁ ସାତଜଣିଆ ବିଶେଷଜ୍ଞ କମିଟିକୁ ଦାୟିତ୍ୱ ଦିଆଯାଇଛି ସେମାନେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ପାଇଁ ତରବର ନହୋଇ ଆବଶ୍ୟକୀୟ ସମୟ ନେଇ ଅନୁଧ୍ୟାନ ଓ ସୁପାରିସ କରିବା ଆବଶ୍ୟକ। ଏନ୍‌ଟିଏ ସ୍ଥାପନ ହେବା ଦିନଠାରୁ କେତେ ଗୁଡ଼ିଏ ଅଘଟଣ ଘଟୁଥିବାରୁ ସେହି ଅନୁଷ୍ଠାନର କାର୍ଯ୍ୟ ଦକ୍ଷତା ଓ ସାଧୁତା ଉପରେ ସନ୍ଦେହ ଉପୁଜିବା ସ୍ୱାଭାବିକ। ଏ ସବୁ ଅନିୟମିତା, ଅନିଶ୍ଚିତତା, ରାଜନୀତି କୋଳାହଳ ଓ ନ୍ୟାୟିକ ପ୍ରକ୍ରିୟାରେ ପୃଷ୍ଠଭୂମିରେ ଏକ ଦକ୍ଷ, ସ୍ୱଚ୍ଛ ଓ ଛାତ୍ରମଙ୍ଗଳ ଅନୁକୂଳ କେନ୍ଦ୍ରୀୟ ପରୀକ୍ଷଣ ଏଜେନ୍ସିକୁ ଭାଙ୍ଗି ଦେବା ପାଇଁ କୌଣସି ପଦକ୍ଷେପ ନେବା ଉଚିତ ହେବନାହିଁ। ପ୍ରବେଶିକା ପରୀକ୍ଷା ବିକେନ୍ଦ୍ରୀକରଣ ତଥା ଘରୋଇକରଣ ଯେ ସାମ୍ପ୍ରତିକ ସମସ୍ୟାର ସମାଧାନ ନୁହେଁ, ଏକଥା ସମସ୍ତଙ୍କୁ ମନେ ରଖିବାକୁ ହେବ।

**ମାନସିକ ରୋଗ ବିଭାଗ, ଦି’ ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩**





ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ହାନ୍ତା ଭାଇରସ, ଭୂତାଣୁ ଓ ଲିଭର ସଂକ୍ରମଣ




ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

୨୦୨୦-୨୧ ବେଳକୁ କୋଭିଡ୍- ୧୯ ମହାମାରୀର ଏକାଧିକ ପର୍ଯ୍ୟାୟରେ ବିଶ୍ୱରୁ ଅକାଳରେ ଅନେକ ମାନବ ଜୀବନ ଏକ ପ୍ରକାର ପୋଛି ହୋଇଗଲେ। ବିଶ୍ୱର ଯେ କୌଣସି ସମୟରେ କୌଣସି ଭାଇରସ ସଂକ୍ରମଣ ସୂଚୀତ ହେବାପରେ ନାନା ଆଶଙ୍କା, ଆଲୋଚନା ଓ ଗୁଜବ ମଧ୍ୟ ସୃଷ୍ଟି ହେଉଛି। ଏମଭି ହୁଣ୍ଡିଅସ ନାମକ ଏକ ବିଳାସପୂର୍ଣ୍ଣ ପର୍ଯ୍ୟଟକ ଯାହାଜରେ ହାନ୍ତା ଭାଇରସ ସଂକ୍ରମଣର ଖବର ସମଗ୍ର ବିଶ୍ୱବାସୀଙ୍କ ସହ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଉଦବିଗ୍ନ ଆଶଂକା ଓ ଚିନ୍ତା ବଢ଼ାଇ ଦେଇଛି। ଏହି ଭାଇସର କୋଭିଡ଼-୧୯ ପରି ସଂକ୍ରାମକ ନହେଲେ ମଧ୍ୟ ଏହା ଶରୀରର ମୁଖ୍ୟ ଅଙ୍ଗ ଲିଭର, କିଡ଼ନୀ, ଫୁସଫୁସ ଉପରେ ଗୁରୁତର ପ୍ରଭାବ ପକାଇଥାଏ। ନିର୍ଦ୍ଦିଷ୍ଟ ସମୟ ଭିତରେ ତୁରନ୍ତ ଏହାର ଚିକିତ୍ସା ଓ ସତର୍କତା ଆରମ୍ଭ ନ ହେଲେ ଏହା ଘାତକ ବିପଦ ସୃଷ୍ଟି କରିପାରେ। ବିଶ୍ୱ ବିଖ୍ୟାତ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ୍'ର ତଥ୍ୟ ଅନୁଯାୟୀ ଭୂତାଣୁ ବିଶେଷଜ୍ଞଙ୍କ ଗବେଷଣାକୁ ବିଶ୍ୱାସ କଲେ ବୋଧହୁଏ ଏହି ଭାଇରସ ଇତିମଧ୍ୟରେ ଆପଣା ରୂପ ଓ ଗୁଣରେ ପରିବର୍ତ୍ତନ ଘଟାଇ ସାରିଛି ବା ନିଜକୁ 'ମ୍ୟୁଟେଡ୍' କରିସାରିଛି। ଯହିଁରେ ନୂଆ ଭାଇରସର ସଂକ୍ରମଣ ବା ମାରକ ତୀବ୍ରତାକୁ ନେଇ ବର୍ତ୍ତମାନ କୌଣସି ପୂର୍ବାନୁମାନ କରାଯାଇ ନପାରେ। ଏଠାରେ ମନେପକାଇ ପାରୁ ଯେ, କୋଭିଡ଼ ପାଣ୍ଡେମିକ କାଳରେ ରୂପ ଓ ଗୁଣରେ ପରିବର୍ତ୍ତନ ଘଟାଇ କୋଭିଡ଼-୧୯ କିଭଳି ହା ହୁତାଶମୟ ପରିସ୍ଥିତି ସୃଷ୍ଟି କରିସାରିଥିଲା ତାହା ପୃଥିବୀ ସହଜରେ ଭୁଲି ପାରିବ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହା ଉପରେ ତୀକ୍ଷଣ ନଜର ରଖିବା ସହ ଏହା ଯେପରି ଆଗକୁ ସଂକ୍ରମଣ ସମ୍ଭାବନାକୁ ନବଢ଼ାଇବ ସେଥିପାଇଁ ବିଧିବଦ୍ଧ ଭାବେ କାର୍ଯ୍ୟ କରୁଛି।

ଭାଇରସ ବାସ୍ତବରେ ମୂଷାଙ୍କ ଦ୍ୱାରା ବ୍ୟାପିଥାଏ। ବିଶେଷକରି ସଂକ୍ରମିତ ମୂଷାଙ୍କ ପରିସ୍ରା, ଲାଳ କିମ୍ବା ମଳର ସଂସ୍ପର୍ଶରେ ଆସିଲେ ବା ଏହାର କଣିକା ଶ୍ୱାସ କ୍ରିୟା ମାଧ୍ୟମରେ ଶରୀର ଭିତରକୁ ଗଲେ ଜଣେ ସଂକ୍ରମିତ ହୋଇଥାଏ। ଶରୀର ଭିତରକୁ ପ୍ରବେଶ କଲାପରେ ଏହି ଭାଇରସ ନିଜ ଆକ୍ରାମକ ରୂପ ଦେଖାଇଥାଏ। ଶରୀରର ମୁଖ୍ୟ ସରବରାହ ଜୀବନ ବାହାକ କୁହାଯାଉଥିବା ରକ୍ତବାହୀ ନଳୀର କୋଷ ଗୁଡ଼ିକୁ ଆକ୍ରମଣ କରିଥାଏ ଫଳରେ ରକ୍ତବାହୀ ନଳୀରୁ ତରଳ ପଦାର୍ଥ ଶରୀରର ବିଭିନ୍ନ ଅଙ୍ଗରେ ଜମିବାକୁ ଲାଗେ। ତେବେ ଲିଭରକୁ ପ୍ରବେଶ କରିବା ପରେ ଏହା ପେଟ ସମ୍ବନ୍ଧୀୟ ବଡ଼ ସମସ୍ୟା ସୃଷ୍ଟି କରିଥାଏ। ଏହି ହାନ୍ତା ଭାଇରସର ମୁଖ୍ୟତଃ ଦୁଇଟି ରୂପ ରହିଛି। ଗୋଟିଏ ହେଲା ହାନ୍ତା ଭାଇରସ ପଲମୋନାରୀ ସିଣ୍ଡ୍ରୋମ ଯାହା ଫୁସଫୁସକୁ ପ୍ରଭାବିତ କରିଥାଏ। ଦ୍ୱିତୀୟ ହେଲା ହେମୋରେଜିକ ଫିଭର ୱିଥ ରେନାଲ ସିଣ୍ଡ୍ରୋମ ଏହା ମୁଖ୍ୟତଃ କିଡ଼ନୀ, ଲିଭରର କ୍ଷତି ପହଞ୍ଚାଇଥାଏ।

ଯେଉଁ ମାନଙ୍କର ନିମୋନିଆ ଓ ବ୍ରୋଙ୍କିୟୋଲାଇଟିସ ପରି ଗମ୍ଭୀର ଫୁସଫୁସ ସଂକ୍ରମଣ ସମସ୍ୟା ରହିଥାଏ କିମ୍ବା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମ ଥାଏ, ଯଦି ପୀଡ଼ିତ ଜଣଙ୍କ ବୟସ୍କ ହୋଇଥାନ୍ତି ତେବେ ଏମାନେ ଗମ୍ଭୀର ସମସ୍ୟାକୁ ସାମ୍ନା କରିପାରନ୍ତି ନାହିଁ। କେତେକ କ୍ଷେତ୍ରରେ ଗୁରୁତର ହୋଇପଡ଼ିବାର ସମ୍ଭାବନା ମଧ୍ୟ ହୋଇଥାଏ। ପୀଡ଼ିତ ଜଣଙ୍କ କାଶ, ଛିଙ୍କ, ଛେପରୁ ଭାଇରସ ବାୟୁମଣ୍ଡଳରେ ପ୍ରସାରିତ ହୋଇଥାନ୍ତି। ଏହା ପାଞ୍ଚବର୍ଷରୁ କମ ବୟସର ପିଲା, ଶ୍ୱାସରୋଗୀ, ବ୍ରୋଙ୍କାୟଟିସ୍ ରୋଗୀ, ହୃଦରୋଗ ପୀଡ଼ିତ, ବିବିଧ ରୋଗାକ୍ରାନ୍ତ ବ୍ୟକ୍ତି, ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତି ଓ ପହଁଷଠି ବର୍ଷରୁ ବୟସ୍କଙ୍କ ପାଇଁ ଖୁବ ଶୀଘ୍ର ସଂକ୍ରମିତ କରିଥାଏ। ଚିକିତ୍ସକଙ୍କ ପରାମର୍ଶ ସହିତ ମାକ୍ସ ଲଗାଇବା ସହ ସାନିଟାଇଜର ବ୍ୟବହାର କରିବା ସବୁଠାରୁ ଭଲ।

ହାନ୍ତା ଭାଇରସ ସଂକ୍ରମଣ ହେବାର ପ୍ରଥମରୁ ଆଠ ସପ୍ତାହ ଭିତରେ ଜଣେ ଯଦି ନିଜକୁ ଦୁର୍ବଳ ବା କ୍ଳାନ୍ତ ଅନୁଭବ କରୁଛନ୍ତି କିମ୍ବା ବେଳେବେଳେ ଜ୍ୱର ହୋଇ ଦିନେ ଦୁଇ ଦିନ ପରେ ଛାଡ଼ି ଯାଉଛି, ଶରୀରର ମାଂସପେଶୀରେ ଅସହ୍ୟ ଯନ୍ତ୍ରଣା ଓ ଦରଜ ଅନୁଭବ କରୁଥାନ୍ତି, ଅଚାନକ ମୁଣ୍ଡ ବିନ୍ଧା ଶରୀରକୁ ଛଟପଟ କରିଦେବା ପରି ପରିସ୍ଥିତି ସୃଷ୍ଟି କରୁଛି, ଅରୁଚି ଲାଗିବା ସହ ବାନ୍ତି ଲାଗୁଥାଏ, ପେଟ ଗୋଳେଇ ଘାଣ୍ଟି ହୋଇ ଯନ୍ତ୍ରଣା ଓ ଯାହାକୁ ପେଟ ଟଣା କୁହାଯାଏ ସେହିପରି ଅନୁଭୂତି ଯଦି ରହୁଛି ତେବେ ପୀଡ଼ିତ ଜଣଙ୍କ ନିଶ୍ଚିତ ଭାବେ ଏହି ଭାଇରସର



ଶିକାର ହୋଇଛନ୍ତି ବୋଲି ଜଣାପଡ଼ିଥାଏ। ଏଇଟି ଗୋଟିଏ କଥା ସ୍ପଷ୍ଟ କରୁଛୁ ଯଦି ପୂର୍ବରୁ କୌଣସି ରୋଗୀ ଜଣ୍ଡିସ, ଲିଭରସିରୋସିସ୍, ଲିଭର କ୍ୟାନସରର ପୀଡ଼ିତ ହୋଇଥାନ୍ତି ସେଥିରେ ଏ ସଂକ୍ରମଣ ତାଙ୍କ ପାଇଁ ଅତ୍ୟନ୍ତ ଘାତକ ସାବ୍ୟସ୍ତ ହୋଇଯିବ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଭାଇରସର ସଂକ୍ରମଣ ଯଦି ଦ୍ରୁତ ଭାବରେ ହେଉଥାଏ ଏପଟେ ପୀଡ଼ିତ ଜଣଙ୍କ କୌଣସି ଚିକିତ୍ସା ଆରମ୍ଭ କରିନଥାଏ ତାହେଲେ ଫୁସଫୁସରେ ପାଣି ଜମିଯାଇ ଭାଇରସ ଏକ ପ୍ରକାର ବିଷାକ୍ତ ଆକ୍ରମଣ କରିଥାଏ। ଯାହାଦ୍ୱାରା ଲୋକ ଜଣକୁ ଶ୍ୱାସ ପ୍ରଶ୍ୱାସ ନେବାରେ ଅନେକ କଷ୍ଟ ହୁଏ, ଶରୀରରେ ଅମ୍ଳଜାନର ସ୍ତର ଅତି ନିମ୍ନ ଗତିରେ କମିଯିବା ସହ ଶରୀର ଦୁର୍ବଳ ହୋଇଯାଏ। କେତେକ କ୍ଷେତ୍ରରେ ମୁଣ୍ଡ ବୁଲାଏ ଆଉ ଯଦି କେହି ପୂର୍ବରୁ ବାତ ରୋଗୀ ଥାଆନ୍ତି ତେବେ ସେମାନଙ୍କ ସମସ୍ୟା ଅତ୍ୟନ୍ତ ଯନ୍ତ୍ରଣା ଦାୟକ ହୋଇଯାଏ। ତେବେ ଏହି ଭାଇରସର ସଂକ୍ରମଣ କିଡ଼ନୀ ଉପରେ ଯଦି ପ୍ରଭାବୀ ହୋଇଯାଏ ତେବେ ରକ୍ତଚାପ ଶରୀରରୁ କମାଇ ଦିଏ ଏବଂ କେତେକ କ୍ଷେତ୍ରରେ କିଡ଼ନୀ ଅକାମୀ ହେବାର ଆଶଙ୍କା ମଧ୍ୟ ଥାଏ। ଏଯାବତ୍ ହାନ୍ତା ଭାଇରସ ପାଇଁ କୌଣସି ନିର୍ଦ୍ଦିଷ୍ଟ ଆଣ୍ଟିଭାଇରାଲ ଚିକିତ୍ସା ନାହିଁ ତେବେ କୋଭିଡ଼ ପରି ଏହା ଜଣଙ୍କ ଠାରୁ ଅନ୍ୟ ଜଣଙ୍କୁ ବାୟୁ ମାଧ୍ୟମରେ ବ୍ୟାପୀ ନଥାଏ କିମ୍ବା ମଣିଷରୁ ମଣିଷକୁ ସଂକ୍ରମଣ ହେବା ଅତ୍ୟନ୍ତ ବିରଳ।

ଆମେ ପୂର୍ବରୁ ଆଲୋଚନା କରୁଥିବା ମୁତାବକ ଏହି ସଂକ୍ରମଣ ଯଦିଓ ଆମ ଆଖପାଖରେ ପହଞ୍ଚି ନାହିଁ ତେବେ ଜ୍ୱର ଲାଗି ରହୁଥିଲେ ରକ୍ତ ପରୀକ୍ଷା କରାଇ ନିଅନ୍ତୁ। ଘରେ ମୂଷା, ଚୁଚୁନ୍ଦ୍ରାଙ୍କ ଆତଯାତ ହେଉଥିଲେ ଏହାର ପ୍ରତିବନ୍ଧକ କରନ୍ତୁ। ଘର ଓ ବାହାର ମଧ୍ୟ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ସୁଷମ ଖାଦ୍ୟ ଓ ବିଶୁଦ୍ଧ ପାଣି ପିଅନ୍ତୁ। ଯୋଗାସନ, ପ୍ରାଣାୟମ, ପ୍ରାତଃ ଭ୍ରମଣ ଖୁବ ଭଲ ଅଭ୍ୟାସ। ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ଖରା ଦିନ ହୋଇଥିଲେ ମଧ୍ୟ ଥଣ୍ଡା ପାନୀୟ ଅପେକ୍ଷା ଘରୋଇ ପାନୀୟ ଗ୍ରହଣ କରନ୍ତୁ। ଗରିଷ୍ଠ ଖାଦ୍ୟ, ଆମିଷ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ। କୌଣସି ପ୍ରକାରର ଶାରୀରିକ ସମସ୍ୟା ଦେଖା ଦେଉଥିଲେ ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ। କୌଣସି ପରିସ୍ଥିତିରେ ସୋସିଆଲ ମିଡ଼ିଆର ଗୁଜବ ଜନିତ ଖବରକୁ ନିଜେ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ଏହାର ପ୍ରଚାର ପ୍ରସାର କରନ୍ତୁ ନାହିଁ। ସାମାନ୍ୟ ଥଣ୍ଡା କାଶ ହେଉଥିଲେ ମଧ୍ୟ ସତର୍କତା ଅବଲମ୍ବନ ଗ୍ରହଣ କରନ୍ତୁ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଟଟକା ପନିପରିବା ଓ ଫଳ ଖୁବ ଉପାଦେୟ। ଯଥାସମ୍ଭବ ଗହଳି ଠାରୁ ଦୂରେଇ ରହିବା ଭଲ।

**ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୧୫୧୯୫୬**

ମହକ

# ଶିକ୍ଷାଦାନ ସେବାରେ ସମର୍ପିତ: ବୁବୁନ୍ ପ୍ରଧାନ



ବୁବୁନ୍ ପ୍ରଧାନ । ନାଁ କେବଳ ଯଥେଷ୍ଟ। ଶିକ୍ଷା ଭଳି ମୌଳିକ ଅଧିକାରକୁ ସାର୍ବଜନୀନ କରିବାରେ ଜଣେ ସଫଳ ବିନ୍ଧାଣୀ। ସମାଜ ପାଇଁ ଅନ୍ତରାତ୍ମା କାନ୍ଦୁଥିବା ବୁବୁନ ଜଣେ ଶିକ୍ଷାବିତ୍ ଭାବରେ ଯେଉଁ ଆଖିଦୃଶିଆ କାର୍ଯ୍ୟ କରିଛନ୍ତି, ସମାଜ ନିଶ୍ଚିତ ତାହାର ମୂଲ୍ୟ ଦେବ। ‘ବିଦ୍ୟା ଦଦାତି ବିନୟମ’ ଏହି ମହାନ ଆଦର୍ଶକୁ ପାଥେୟ କରି ଜ୍ଞାନର ଆଲୋକ ବିତରଣ କରିଚାଲିଛି ‘ନାଇସ ଇନଷ୍ଟିଚ୍ୟୁଟ’। ପୁରାତନ ସଭ୍ୟତାରେ ଗୁରୁକୁଳ ଆଶ୍ରମ ଯେଉଁଭଳି ମଣିଷ ଗଢ଼ିବାର କାରଖାନା ଥିଲା, ଆଜିର ଏହି କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ବୈଷୟିକ ଯୁଗରେ ‘ନାଇସ ଇନଷ୍ଟିଚ୍ୟୁଟ’ ସେହିଭଳି ଏକ ଆଧୁନିକ ଜ୍ଞାନର ମନ୍ଦିର ଭାବେ ପ୍ରତିଷ୍ଠା ଲାଭ କରିଛି। ସତ୍ୟବାଦୀ ଯୁଗର ସ୍ମୃତି ଓ ଆଧୁନିକତାର ସମନ୍ୱୟ ଆମ ଶିକ୍ଷା ବ୍ୟବସ୍ଥା ବିଷୟରେ ଚିନ୍ତା କଲେ ମନକୁ ଆସେ ପଞ୍ଚସଖା ଯୁଗର ସତ୍ୟବାଦୀ ବନ ବିଦ୍ୟାଳୟର ସେହି ଅମୂଲ୍ୟ ସ୍ମୃତି । ସେହି ତ୍ୟାଗ ଓ ସେବାର ମନୋଭାବକୁ ବଜାଇ ରଖି, ନାଇସ ଇନଷ୍ଟିଚ୍ୟୁଟ୍ ଆଜିର ଯୁବପିଢ଼ିଙ୍କୁ କେବଳ ପାଠ୍ୟପୁସ୍ତକ ନୁହେଁ ବରଂ ଜୀବନ ଜିଇଁବାର କଳା ଓ ବୃତ୍ତିଗତ ଦକ୍ଷତା ଶିଖାଉଛି । ନାଇସ ଇନଷ୍ଟିଚ୍ୟୁଟ୍ ଶିକ୍ଷାଦାନ ସେବାରେ ବ୍ରତୀ ବା ସମର୍ପିତ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଥିବା ମହତ୍ ଅନୁଷ୍ଠାନ । ଏହା ପ୍ରତିଷ୍ଠା ଓ ଦୂରଦୃଷ୍ଟି ୨୦୧୬ ମସିହାରେ ଅନୁଗୁଳ ଜିଲ୍ଲାର ବଇଣ୍ଡା ପବିତ୍ର ମାଟିରେ ପ୍ରତିଷ୍ଠିତ ହୋଇଥିବା ଏହି ଅନୁଷ୍ଠାନର ପ୍ରତିଷ୍ଠାତା ଯୁବ ସମାଜସେବୀ ତଥା ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଯୁକ୍ତ ବୁବୁନ୍ ପ୍ରଧାନଙ୍କ ଦକ୍ଷ ନେତୃତ୍ୱରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି ।




ଡିଜିଟାଲ ବିପ୍ଳବ ଦିଗରେ ବୈପ୍ଳବିକ ପରିବର୍ତ୍ତନ ଲକ୍ଷ୍ୟ ନେଇ ୧୫୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସଫଳ କରିଥିବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ ହେଉଛି ଡିଜିଟାଲ ସାକ୍ଷରତା । ଆଜିର ପ୍ରତିଯୋଗିତାମୂଳକ ବିଶ୍ୱରେ ଆଇଟି (ଆଇଟି) ଓ କମ୍ପ୍ୟୁଟର ଶିକ୍ଷାକୁ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଖରେ ପହଞ୍ଚାଇବା ପାଇଁ ଏଠାରେ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ଉଚ୍ଚକୋଟୀର ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଶୃଙ୍ଖଳା ଓ ଗବେଷଣା ଦିଗରେ ଶିକ୍ଷା ସହିତ ସଂସ୍କାର ଏବଂ ଶୃଙ୍ଖଳାକୁ ଏଠାରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଏ। ପ୍ରତିଷ୍ଠାତା ଶ୍ରୀଯୁକ୍ତ ପ୍ରଧାନ ନିଜେ ଜଣେ ଉଚ୍ଚଶିକ୍ଷିତ (ଏମବିଏ) ଓ ଗବେଷଣା ପ୍ରତି ରୁଚି ରଖୁଥିବା ବ୍ୟକ୍ତି ହୋଇଥିବାରୁ, ବିଦ୍ୟାର୍ଥୀମାନଙ୍କୁ କିଭଳି କର୍ମନିପୁଣ ଓ ନୈତିକ ସମ୍ପନ୍ନ କରାଯାଇପାରିବ,ସେ ଦିଗରେ ସେ ସତତ ଚେଷ୍ଟିତ। ଶିକ୍ଷା ହେଉଛି ସେହି ଅଦୃଶ୍ୟ ଶକ୍ତି ଯାହା ସମାଜରେ ପରିବର୍ତ୍ତନ ଆଣିପାରେ। ‘ନାଇସ ଇନଷ୍ଟିଚ୍ୟୁଟ’ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ ଏହା ହେଉଛି ସଫଳତାର ଏକ ମାର୍ଗଦର୍ଶକ। ଶିକ୍ଷାର୍ଥୀଙ୍କ ବୌଦ୍ଧିକ ଓ ମାନସିକ ବିକାଶ କରି ସେମାନଙ୍କୁ ଦେଶର ଜଣେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ିତୋଳିବାରେ ଏହି ଅନୁଷ୍ଠାନର ଅବଦାନ ଅତୁଳନୀୟ ।

# ଦାମ୍ପତ୍ୟ କଳହର ସମାଧାନ

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଲା**

ଦାମ୍ପତ୍ୟ ଜୀବନରେ ବିଭିନ୍ନ କଥାକୁ ନେଇ ପତି-ପତ୍ନୀଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ । ତେବେ ମିଛ କଥା କହିବା, କଥା ଲୁଚାଇବା, କୌଣସି ଜିନିଷ କ୍ରୟ କିମ୍ବା ସଂପର୍କୀୟଙ୍କ ସହ ସଂପର୍କ ଏପରି ଅନେକ ଛୋଟବଡ଼ ସମସ୍ୟାକୁ ନେଇ ପତ୍ନୀପତିଙ୍କ ମଧ୍ୟରେ କଳହର ସୂତ୍ରପାତ ହୋଇଥାଏ । ତେବେ କଳହ ଉପୁଜିବା ମାତ୍ରେ କିପରି ଉଭୟ ସତର୍କ ରହିବା ସହ ଏହାର ସରଳ ଆପୋଷ ସମାଧାନ କରାଯାଇପାରିବ ସେ ବିଷୟରେ କିଛି...

ଦାମ୍ପତ୍ୟ ଜୀବନରେ ବିଭିନ୍ନ କଥାକୁ ନେଇ ପତି-ପତ୍ନୀଙ୍କ ମଧ୍ୟରେ ଝଗଡ଼ା ହୋଇଥାଏ । ତେବେ ମିଛ କଥା କହିବା କିମ୍ବା କଥା ଲୁଚାଇବା ଏହି ଝଗଡ଼ାର ଅନ୍ୟତମ କାରଣ । ପ୍ରେମ ବିବାହ କରିଥିବା ଦମ୍ପତି ଘର ସହିତ ସଂପର୍କ ତୁଟାଇ ଦେଇ ଏକାକୀ ରହିବା ଭିତରେ ଯଦି ଦୁହିଁଙ୍କର ମନ ଅମେଳ ହେଲା ତେବେ ପରିସ୍ଥିତି ଗମ୍ଭୀର ହୋଇଥାଏ । ଘରେ ପିତାମାତାଙ୍କ ସହିତ ସଂପର୍କ ରଖି ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ପତି ଚାହୁଥିବାବେଳେ ପତ୍ନୀ ଏଥିରେ ବାଧା ଉପୁଜାଇଲେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇ ମତାନ୍ତର, ମନାନ୍ତର ଘଟେ । କଥା ଏପରି ହୁଏ ଯେ ଶେଷକୁ ଦୁହିଁଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ ପରିସ୍ଥିତି ସୃଷ୍ଟି ହୁଏ । ବିରକ୍ତିରେ ବିଭିନ୍ନ ଆସବାବପତ୍ର ଫୋପଡ଼ା, ଫିଙ୍ଗା, ନଷ୍ଟ କରିବା ଆଦି ଯୁବପୀଢ଼ୀଙ୍କ ଜୀବନଶୈଳୀ ଏତେ ବଦଳି ଯାଇଛି ଯେ, ସେମାନେ ପରସ୍ପର ପାଇଁ ସମୟ ଦେଇ ପାରୁନାହାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ଏହା ଠିକ୍ ନୁହେଁ । ପତି-ପତ୍ନୀ ନିକଟତର ହେବାର ଯେତିକି ସମୟ ପାଉଛନ୍ତି, ସେହି ସମୟରେ ଡିଷ୍ଟର୍ବ ନ ହେବା ପାଇଁ ମୋବାଇଲ୍ ଫୋନ ସୁଇଚ୍ ବନ୍ଦ ରଖିଦେବା ଭଲ । ସେହି ସମୟ ମଧ୍ୟରେ ପରସ୍ପର ନିଜର ସମସ୍ୟା ସଂପର୍କରେ ଆଲୋଚନା କରିବା ସହିତ ସୁଖଦୁଃଖ ବାଣ୍ଟିବା ଆବଶ୍ୟକ । ସଂପର୍କ ଭିତରେ ଟେନସନ୍ ବଢ଼ିଲେ ଦିନେନା ଦିନେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହେବ । ତେଣୁ



ଭବିଷ୍ୟତରେ ଯେପରି ସେପରି ପରିସ୍ଥିତିର ସମ୍ମୁଖୀନ ନହେବାକୁ ପଡ଼େ ସେଥିପ୍ରତି ଉଭୟେ ସଚେତନ ରହିବା ଉଚିତ୍ । ନିଜର ସମସ୍ୟାକୁ ଆପୋଷରେ ସମାଧାନ କରିବା ଆବଶ୍ୟକ ।

ଯେଉଁଦିନ କୌଣସି କଥାକୁ ନେଇ ପତି-ପତ୍ନୀଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେଲା ତାହା ଆଗକୁ ନବଢ଼ାଇ ସେହିଦିନ ହିଁ ସମାଧାନ କରିଦେବା ଆବଶ୍ୟକ । ଜଣେ ଅଧିକ ପ୍ରଭାବଶାଳୀ ହେଲେ ଅନ୍ୟ ଜେଣ ନୀରବ ରହିବା ଭଲ । ପରେ ଦୁହେଁ ଦୁହିଁଙ୍କ ଭୁଲ ପାଇଁ ପରସ୍ପରଠାରୁ କ୍ଷମା ମାଗିନେବା ଉଚିତ୍ । ବିଶ୍ରାମ ଏବଂ ଅନିଦ୍ରା ଯୋଗୁଁ ବିଭିନ୍ନ ଚିନ୍ତା ସୃଷ୍ଟି ହୁଏ । ବ୍ଲଡ଼ ସୁଗାର କମିଯିବା ସହିତ ଉଚ୍ଚରକ୍ତଚାପ, ମଧୁମେହ, ଥାଇରାଏଡ଼ ଏବଂ ମାନସିକ ରୋଗଜାତ ହୁଏ । ଫଳରେ ପରସ୍ପର ମଧ୍ୟରେ ଝଗଡ଼ା ଆହୁରି ବଢ଼ିଯାଏ । ସେ ଦୃଷ୍ଟିରୁ ଚିନ୍ତାଠାରୁ ଦୂରେଇ ରହିବା ପାଇଁ ଭଲ ଭାବରେ ନିଦରେ ଶୋଇବା ଉଚିତ । ଅହଂ ଭାବ ଯୋଗୁଁ ଠିକ୍ ଭାବରେ କଥା କହିହୁଏନାହିଁ । ପ୍ରଥମେ ନିଜକୁ ନିୟନ୍ତ୍ରଣରେ ରଖନ୍ତୁ ଏବଂ ତାପରେ ଆପଣ ଚାହୁଁନଥିବା କଥାକୁ ଠିକ୍ ଭାବରେ ଉପସ୍ଥିତ କରନ୍ତୁ । ଦୋଷାରୋପଠାରୁ ଦୂରରେ ରହନ୍ତୁ । ଜୀବନସାଥୀ ନିଜକୁ ବଞ୍ଚାଇବା ପାଇଁ ଯେ କୌଣସି କଥା କହିପାରନ୍ତି । ଉଚିତ୍ କଥା ହୋଇନଥିଲେ ପ୍ରତିବାଦ କରନ୍ତୁ । ତେବେ ଏହା ଯେପରି ଝଗଡ଼ାରେ ପରିଣତ ନହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଦାମ୍ପତ୍ୟ ଜୀବନରେ କ୍ରୋଧର ନୁହେଁ ସ୍ନେହର ହାତ ଉଠୁ । ଜୀବନ ସୁଖମୟ ହେଉ ଏହାର ବ୍ୟବସ୍ଥା କରିବା ଉଚିତ୍ ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**ଚହଟା ନଗର, ଲେନ୍-୬, କଟକ-୧୪,**
**ଦୂରଭାଷ : ୭୦୦୮୪୭୮୯୮୬**
E-mail :
nibeditabehera08021985@gmail.com

## ଏହି ସପ୍ତାହ, ସେହି ବର୍ଷ (ମେ’୧୭-୨୩)

### ଏଇ ସପ୍ତାହ

ମେ’ ୧୭, ୧୯୮୭- ସୁନିଲ୍ ଗାଭାସ୍କର ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ଗ୍ରହଣ କରିଥିଲେ।



ମେ’ ୧୮,୧୯୭୪- ରାଜସ୍ଥାନର ପୋଖରାନ୍‌ରେ ଭୂମିଗତ ପରମାଣୁ ବୋମାର ପରୀକ୍ଷଣ କରାଯାଇଥିଲା।



ମେ’ ୧୯, ୧୮୪୮- ଦୁନିଆର ପ୍ରଥମ ଡିପାର୍ଟମେଣ୍ଟାଲ୍ ଷ୍ଟୋର୍ ଖୋଲିଥିଲା।



ମେ’ ୨୦, ୨୦୦୧- ଆଫଗାନିସ୍ତାନରେ ତାଲିବାନ, ହିନ୍ଦୁମାନଙ୍କର ଅଲଗା ଚିହ୍ନଟ ପାଇଁ ଡ୍ରେସ୍ କୋଡ୍ କରିଥିଲା।



ମେ’ ୨୧, ୧୯୯୮- ଲଗାତର ଇଣ୍ଡୋନେସିଆରେ ଶାସନ କରୁଥିବା ରାଷ୍ଟ୍ରପତି ସୁହାର୍ତ୍ତୋ ତ୍ୟାଗପତ୍ର ଦେଇଥିଲେ।



ମେ’ ୨୨, ୧୯୮୪- ବଚ୍ଛେନ୍ଦ୍ରୀ ପାଲ୍ ମାଉଣ୍ଟ୍ ଏଭେରେଷ୍ଟରେ ତ୍ରିରଙ୍ଗା ଉଡ଼ାଇଥିବା ପ୍ରଥମ ଭାରତୀୟ ମହିଳା ହେବାର ଗୌରବ ପ୍ରାପ୍ତ କରିଥିଲେ।



ମେ’ ୨୩, ୨୦୧୬- ଇସ୍ରୋ ଶ୍ରୀହରିକୋଟା ସ୍ପେସ୍ ସେଣ୍ଟରରୁ ଆର୍‌ଏଲ୍‌ଭି-ଟିଡି ସ୍ପେସ୍ ସଟଲ୍‌କୁ ଲଞ୍ଚ କରିଥିଲା।



# ଖରାଦିନେ ଗାଈଗୋରୁଙ୍କ ଯତ୍ନ

**କୃଷି ସହିତ ପଶୁପାଳନ ଅଙ୍ଗାଙ୍ଗୀଭାବେ ଜଡ଼ିତ। ତେଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସେହି ସୀମିତ ଜମି ମଧ୍ୟରେ ଉନ୍ନତ ଧରଣର ଅଧିକ ଉତ୍ପାଦନଭିତ୍ତିକ ଚାଷ ସହିତ ଅଧିକ ଉତ୍ପାଦନକ୍ଷମ ପଶୁପାଳନର ଆବଶ୍ୟକତା ରହିଛି। ବର୍ତ୍ତମାନ ସରକାରଙ୍କ ତରଫରୁ ପ୍ରାଣୀସମ୍ପଦ କୃତ୍ରିମ ପ୍ରଜନନଦ୍ୱାରା ଆମେ ଦେଶୀଗାଈଠାରୁ ସଙ୍କର ଜାତୀୟ ଅଧିକ ଉତ୍ପାଦନକ୍ଷମ ଜର୍ସି, ରେଡ୍ ସିନ୍ଧି, ହରିଆନା ପ୍ରଭୃତି ଦୁଧିଆଳୀ ଗାଈ ଉତ୍ପନ୍ନ କରାଯିବା ସହିତ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଉନ୍ନତ ସଙ୍କରଜାତୀୟ ଦୁଧିଆଳୀ ଗାଈ ଋଣ ମାଧ୍ୟମରେ ଯୋଗାଇ ଦିଆଯାଉଛି।**

**ଖରାଦିନେ ପ୍ରଜନନ ଶକ୍ତିହୀନତା ବା ବନ୍ଧ୍ୟାତ୍ୱର କାରଣ :**

ଖରାଦିନେ ପ୍ରଜନନ ଶକ୍ତିହୀନତା ସୃଷ୍ଟି ହୋଇଥାଏ।

**ଉତ୍ତାପର ପ୍ରଜନନ ଶକ୍ତି ଉପରେ ପରୋକ୍ଷ ପ୍ରଭାବ :**

ଖରାଦିନେ ସୂର୍ଯ୍ୟତାପର ପ୍ରଭାବରେ ସମସ୍ତ ସବୁଜ ଘାସ ବା ପତ୍ର ତନ୍ତୁଯୁକ୍ତ ଓ ଟାଣୁଆ ହୋଇଥାଏ ଏବଂ ଖାଦ୍ୟସାର ବା ଧାତବଲବଣ କମ୍ ପରିମାଣରେ ଥାଏ। ତେଣୁ ଖାଦ୍ୟସାର ଅଭାବ ଯୋଗୁ ଗାଈ ବା ଛଡ଼ାର ଋତୁଚକ୍ର ବନ୍ଦ ହୋଇ ଅସ୍ଥାୟୀ ବନ୍ଧ୍ୟାଦୋଷ ସୃଷ୍ଟି କରାଇଥାଏ।

**ଉତ୍ତାପର ପ୍ରଜନନ ଶକ୍ତି ଉପରେ ପତ୍ୟେକ୍ଷ ପ୍ରଭାବ :**

(୧) ଉତ୍ତାପ ଥାଇରଏଡ୍ ହରମୋନ୍ ଉପରେ ସିଧା ପ୍ରଭାବ ପକାଇଥାଏ। ଫଳରେ ଥାଇରଏଡ୍ ନିର୍ଗତ ହରମୋନ୍ ମସ୍ତିଷ୍କରେ ଥିବା ଆଣ୍ଟେରିଅର ପିଟ୍ୟୁଟାରୀ ଉପରେ ପ୍ରଭାବ ପଡ଼େ ଏବଂ ଏହା ଲିଙ୍ଗର କାର୍ଯ୍ୟଦକ୍ଷତା ନିୟନ୍ତ୍ରଣ କରିଥାଏ।

(୨) ଗ୍ରୀଷ୍ମଋତୁରେ ଏଫ୍.ଏସ୍.ଏଚ୍. ଓ ଏଲ୍.ଏଚ୍. ହରମୋନର ଅଭାବ ଦେଖାଦେଇଥାଏ। ଏଥିପାଇଁ ଡିମ୍ବାଣୁ ଡିମ୍ବକୋଷରୁ ଖସେ ନାହିଁ।

(୩) ଗରମଦିନରେ ରକ୍ତରେ ପ୍ରୋଲାକ୍ଟିନ୍ ହରମୋନ୍ ଅଧିକ ଥାଏ, ଯାହାକି ହାଇପୋଥାଲାମସରୁ ବାହାରୁଥିବା ଗୋନାଡୋଟ୍ରଫିନ୍ ହରମୋନ୍ ଝରଣରେ ବାଧା ସୃଷ୍ଟି କରେ। ଫଳରେ ଗାଈ ପ୍ରଜନନ ଶକ୍ତି ଅସ୍ଥାୟୀ ଭାବେ ହରାଇ ବସନ୍ତି।

**ଗରମ ବା ରୌଦ୍ରତାପରୁ ସୁରକ୍ଷା ପ୍ରଦାନ :**

(କ) ଖରାଦିନେ ପ୍ରଚଣ୍ଡ ଖରା ବା ଗରମରୁ ରକ୍ଷାପାଇବାପାଇଁ ଗାଈଗୋରୁଙ୍କ ଗୁହାଳ ବା ଫାର୍ମ ନିକଟରେ ବିଭିନ୍ନ କିସମର ଗଛ ଯଥା - ସୁବାବୁଲ୍, ନିମ୍ବ, କୃଷ୍ଣଚୂଡ଼ା, ଅଗସ୍ତି ପ୍ରଭୃତି ଗଛ ଲଗାଇ ଛାଇ ସୃଷ୍ଟି କରିବାପାଇଁ ପଦକ୍ଷେପ ନେବା ଉଚିତ।

(ଖ) ଉପଯୁକ୍ତ ବାସସ୍ଥାନ ଏବଂ ରଖିବା ପ୍ରଣାଳୀ : ଗୁହାଳେ ମୁକ୍ତ ବାୟୁ ଚଳାଚଳ ପାଇଁ ପ୍ରଶସ୍ତ ଝରକା ବିପରୀତମୁଖୀ ଦିଗରେ ହେବା ଆବ୍ୟାକ। ଗୁହାଳେ ଉତ୍ତାପ ଓ ଆର୍ଦ୍ରତା କମାଇବା ପାଇଁ ପଦକ୍ଷେପ ନେବା ଉଚିତ। ଖରାଦିନେ ଦେଶୀ ଗାଈଗୋରୁଙ୍କୁ ନ ବାନ୍ଧି ଖୋଲା ହିସାବରେ ଗୁହାଳେ ଛାଡ଼ି ଦିଆଯାଇଥାଏ।

(ଗ) ସଙ୍କର ଜାତୀୟ ଗାଈଗୋରୁ ଜଳବାୟୁର ଉତ୍ତାପ ବୃଦ୍ଧି ଯୋଗୁ ଧଇଁସଇଁ ହୋଇଥାଏ। ଦେହରୁ ଜଳୀୟଅଂଶ କମିଯାଏ। କ୍ଷୀର ଉତ୍ପାଦନରେ ବାଧା ସୃଷ୍ଟି ହୁଏ। ତେଣୁ ପ୍ରତ୍ୟେକ ଦିନ ଗାଈଗୋରୁଙ୍କୁ ଗାଧୋଇ ଦେବା ଉଚିତ। ଆବଶ୍ୟକସ୍ଥଳେ ଦିନକୁ ଦୁଇଥର ମଧ୍ୟ ଗାଧୋଇ ଦିଆଯାଏ।

(ଘ) ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ବ୍ୟବସ୍ଥା କରିବା ଉଚିତ। ଗୋଟିଏ ଗୋରୁପାଇଁ ଦିନକୁ ୩୫ଲିଟର ପାଣି ଭରଣ ପୋଷଣ ଏବଂ ଦୁଇ ଲିଟର ପାଣି ପ୍ରତି ଏକ ଲିଟର କ୍ଷୀର ଉତ୍ପାଦନ ହିସାବରେ ଆବଶ୍ୟକ କରିଥାନ୍ତି। ମୋଟ ଉପରେ ଦିନକୁ ୧୦୦ଲିଟର ପାଣି ଗୋଟିଏ ଗୋରୁ ପିଛା ପିଇବା ଏବଂ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ହୋଇଥାଏ। ବାହାରେ ମଇଳା, ନାଳ, ନର୍ଦ୍ଦମା ପାଣି ପିଇଲେ ନାଳରକ୍ତ ଝାଡ଼ା ସମ୍ଭାବନା ଥାଏ।

**(ଙ)ଗୁହାଳକୁ ଥଣ୍ଡା ବା ଉତ୍ତାପ ହ୍ରାସ କରିବାର ଅନ୍ୟାନ୍ୟ କୌଶଳ :** ବେଣାମୁଠା ଚେରର ପରଦା, ଛଣର ପରଦା, ବାଉଁଶ ପାଦ ପରଦା କିମ୍ବା ଅଖା ଓଦାକରି ସମସ୍ତ ଝରକା ବା ଦ୍ୱାରମାନଙ୍କରେ ଟାଙ୍ଗିବା ଆବଶ୍ୟକ। ଆଜିକାଲି ଏୟାରକୁଲର, ପଙ୍ଖାର ବ୍ୟବହାର ସହରମାନଙ୍କରେ ହେଲାଣି। ଗୁହାଳର ଛପର ଉପରେ ଛଣ, ଜାମୁଡ଼ାଳ ଇତ୍ୟାଦି ପକାଇବାର ବ୍ୟବସ୍ଥା କଲେ ସୁଫଳ ମିଳେ।

**ଉତ୍ତମ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା :**

(କ) ଯଦି ସବୁଜ ଗୋଚର ବା ଘାସର ସୁବିଧା ଥାଏ, ତାହେଲେ ପ୍ରାତଃସକାଳେ ଚରାଇବା ଦରକାର।

(ଖ) ଦିନବେଳା ଗାଈଗୋରୁଙ୍କ ଖାଦ୍ୟ କମାଇ ରାତ୍ରର ଥଣ୍ଡା ସମୟରେ ସୁଷମ ଦାନାଯୁକ୍ତ ଖାଦ୍ୟ ଖୁଆଇବା ଆବଶ୍ୟକ। ଖରାଦିନେ ଗାଈଗୋରୁମାନେ ସବୁଜଘାସ ପାଇବାରୁ ବଞ୍ଚିତ ହୋଇଥାନ୍ତି। ଫଳରେ ଶରୀରରେ ଧାତବଲବଣ ବା ଭିଟାମିନର ଅଭାବ ପରିଲକ୍ଷିତ ହୁଏ। ତେଣୁ ଧାତବ ଲବଣ ବା ମିନେରାଲ ମିକସ୍‌ଚର ୪ରୁ ୬ ଚାମଚ ଗାଈଗୋରୁଙ୍କ ଖୁଆଇବା ଆବଶ୍ୟକ। ଖାଇବା ଲୁଣ ଦିନକୁ ୫୦ ଗ୍ରାମ ଦେଲେ ଭଲ।

(ଘ) ସବୁଜ ଘାସ ୬-୮କେ.ଜି. ଏବଂ ନଡ଼ା ବା କୁଟା ୨କେ.ଜି. ପ୍ରତି ୧୦୦କେ.ଜି ଶରୀରର ଓଜନ ହିସାବରେ ଖୁଆଯିବା ଉଚିତ। ଫାର୍ମମାନଙ୍କରେ ଖଣିରେ ସାଇତା ହୋଇଥିବା ସାଇଲେଜ୍ ମଧ୍ୟ ଖାଇବାକୁ ଦିଆଯାଇଥାଏ।



ପ୍ରଜନନ ଶକ୍ତିହୀନତା ଏବଂ ବନ୍ଧ୍ୟାତ୍ୱ ଦୂରୀକରଣ ପାଇଁ ବ୍ୟବସ୍ଥା :

(କ) ରୌଦ୍ରତାପ ପ୍ରଭାବରୁ ରକ୍ଷାପାଇବାପାଇଁ ଛଡ଼ା, ଦୁଗ୍ଧ ଦେଉଥିବା ଗାଈ, ପଡ଼ିଆ ଗାଈ ପ୍ରଜନନକ୍ଷମ ଷଣ୍ଢମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ଉଚିତ।

(ଖ) ନିକଟରୁ ପର୍ଯ୍ୟବେକ୍ଷଣ କରି ଗରମ ଗାଈର ଲକ୍ଷଣ ଜାଣି ଚିହ୍ନଟ କରିବା ସହିତ ଏହାର ନିର୍ଗତ ଲାଳ ପରୀକ୍ଷା ଏବଂ ଆବଶ୍ୟକ କୃତ୍ରିମ ପ୍ରଜନନ ବ୍ୟବସ୍ଥା।

(ଗ) ନିୟମିତ ଗରମ ଚିହ୍ନଟର ପଦ୍ଧତି ଏବଂ କୃତ୍ରିମ ପ୍ରଜନନ ଦିନ ଓ ରାତ୍ରର ଥଣ୍ଡା ପ୍ରହରରେ କିମ୍ବା ପ୍ରାତଃକାଳ ବା ବିଳମ୍ବ ଅପରାହ୍ନରେ ଅଭ୍ୟାସ କରିବା ଉଚିତ।

(ଘ) ଗରମ ହେବାର ଠିକ୍ ସମୟରେ କୃତ୍ରିମ ପ୍ରଜନନ ବା ଗରମ ଲକ୍ଷଣ ଆରମ୍ଭ ହେବାର ୧୨ ରୁ ୧୮ଘଣ୍ଟା ମଧ୍ୟରେ ଭଲଗୁଣ ଶୁକ୍ରାଣୁଦ୍ୱାରା କୃତ୍ରିମ ପ୍ରଜନନ କରାଇ ନେବା ଆବଶ୍ୟକ।

(ଙ) ପ୍ରଜନନ ପରେ ଗାଈକୁ ଧୀରେ ସୁସ୍ଥେ ଘରକୁ ନେବା ଏବଂ ଗାଈକୁ ଥଣ୍ଡା ପାଣିରେ ଗାଧୋଇ ଦେବା ଆବଶ୍ୟକ। ବୁଲା ଷଣ୍ଢଠାରୁ ସର୍ବଦା ଦୂରେଇ ରଖିବା ଆବଶ୍ୟକ।

**ଗାଈଗୋରୁଙ୍କ ଖାଦ୍ୟର ବିକଳ୍ପ ବ୍ୟବସ୍ଥା :**

ସାଧାରଣତଃ ଖରାଦିନେ ସବୁଜ ଘାସର ଘୋର ଅଭାବ ଦେଖାଦେଇଥାଏ। ତେଣୁ ଖରାଦିନେ ସବୁଜ ଘାସ ବଦଳରେ ଗଛପତ୍ର ଯଥା - ସୁବାବୁଲ ପତ୍ର, ଅଶ୍ୱତଥ୍ ପତ୍ର, ବରପତ୍ର, ଆମ୍ବପତ୍ର, ଶାଳପତ୍ର, ଅଗସ୍ତି ପତ୍ର ଆଦି ଗାଈଗୋରୁଙ୍କୁ ଖୁଆଇବା ଦରକାର। ଗାଁ ଗହଳିରେ ମୁଖ୍ୟତଃ ନଡ଼ା ବା କୁଟା ବେଶି ପରିମାଣରେ ଗୋରୁଙ୍କୁ ଖାଇବାକୁ ଦେଇଥାନ୍ତି। ଏହି ନଡ଼ାରେ ଖାଦ୍ୟସାର ପ୍ରାୟ ନାହିଁ କହିଲେ ଚଳେ। ଏହା ଗାଈଗୋରୁଙ୍କ ପେଟ ଭରିବାରେ ଏବଂ ଝାଡ଼ା କରିବାରେ ସହାୟକ ହୋଇଥାଏ। ପେଟ ଭରିବା ଯୋଗୁ ଗାଈଗୋରୁ ସନ୍ତୋଷ ଲାଭ କରନ୍ତି। ନଡ଼ାରେ ଅକ୍‌ଜାଲିକ୍ ଏସିଡ୍ ନାମକ ଏକ ଅମ୍ଳ ନିହିତ ଥାଏ। ଏହି ନଡ଼ା ଗୋରୁ ଖାଇଲେ ଅକ୍‌ଜାଲିକ୍ ଅମ୍ଳ ଶରୀରର କ୍ୟାଲସିୟମ୍ ସହିତ ମିଶି କ୍ୟାଲସିୟମ୍ ଅକ୍‌ଜାଲେଟ୍‌ରେ ପରିଣତ ହୋଇ ଝାଡ଼ାରେ ମିଶି ବାହାରି ଆସେ। ଫଳରେ ଗାଈଗୋରୁଙ୍କ ହାଡ଼ ଦୁର୍ବଳ ହୋଇ ହାଡୁଆ ପରି ଦିଶେ।

ତେଣୁ ଏହି ଅମ୍ଳରୁ ମୁକ୍ତି ପାଇବା ପାଇଁ ଏବଂ ନଡ଼ାର ଗୁଣାତ୍ମକମାନ ବଢ଼ାଇବାପାଇଁ ଦୁଇପ୍ରକାର ପଦ୍ଧତି ଅବଲମ୍ବନ କରାଯାଇଥାଏ। ଯଥା - ପ୍ରଥମ ପ୍ରଣାଳୀ : ନଡ଼ାକୁ ୩-୫ ସେମି ଲମ୍ବର ଚାଫ କଟରରେ କିମ୍ବା ଦାଆରେ କାଟି ୩-୪ ଘଣ୍ଟା ପାଣିରେ ଭିଜାଇ ରଖିବା ତା'ପରେ ଏହି ନଡ଼ାଖଣ୍ଡକୁ ପାଣିରୁ ଛାଣି ବରୁ ୨ ଘଣ୍ଟା ଶୁଖାଇବା ପରେ ମକାଗୁଣ୍ଡ, ମିନେରାଲ୍ ମିକ୍ସ କରି ଲୁଣ, କୁଣ୍ଡା ଆଦି ମିଶାଇ ଗୋରୁଙ୍କୁ ଖାଇବାକୁ ଦିଅନ୍ତୁ। ନଡ଼ା ଧୋଇ ଖାଇବାକୁ ଦେବାଦ୍ୱାରା ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳର ପ୍ରଭାବ କମିଯାଇଥାଏ ଏବଂ ନଡ଼ା ସୁସ୍ୱାଦୁ, ନରମ ଓ ପୁଷ୍ଟିଯୁକ୍ତ ହୋଇଥାଏ। ଏହାଦ୍ୱାରା ମଧ୍ୟ ନଡ଼ାରୁ ମଇଳା ବାହାରି ଯାଇଥାଏ ଏବଂ ଅଧିକ ନଷ୍ଟ ହୋଇନଥାଏ।

ଦ୍ୱିତୀୟ ପ୍ରଣାଳୀ : ୟୁରିଆ ମିଶ୍ରିତ ନଡ଼ା ଉପଚାର। ଆବଶ୍ୟକ ଉପାଦାନ : ୧. ୟୁରିଆ ସାର ୪କେ.ଜି ୨. ପରିଷ୍କାର ପାଣି ୫୦ଲିଟର, ୩. ନଡ଼ା କଟା ଖଣ୍ଡ ୪-୫ସେ.ମି. ଲମ୍ବ ୧୦୦ କେ.ଜି।

ପ୍ରସ୍ତୁତି : ପ୍ରଥମେ ଏକ ପାତ୍ରରେ ୪କେ.ଜି. ୟୁରିଆକୁ ୫୦ଲିଟର ପରିଷ୍କାର ପାଣିରେ ଦ୍ରବୀଭୂତ କରାଯାଉ। ବିଛାଯାଇଥିବା କଟା ନଡ଼ାଖଣ୍ଡର ପ୍ରଥମସ୍ତର ଉପରେ ଏହି ଦ୍ରବଣ ହାତ କିମ୍ବା ସ୍ପ୍ରିଙ୍କଲର ସାହାଯ୍ୟରେ ସମାନ ଭାବେ ସିଞ୍ଚନ କରନ୍ତୁ। ପୁଣି ଏକ ସ୍ତର କଟା ନଡ଼ାଖଣ୍ଡ ଏହା ଉପରେ ରଖାଯାଇ ପୂର୍ବଭଳି ୟୁରିଆ ଦ୍ରବଣ ସିଞ୍ଚନ କରାଯାଉ। ଗୋଡ଼ଦ୍ୱାରା ନଡ଼ା ଗଦାରୁ ବାୟୁ ନିଷ୍କାସନ ପାଇଁ ଭଲ ଭାବେ ଚାପିକରି ଗଦା କରାଯାଏ। ଏହିପରି ଗଦାଟି ସମ୍ପୂର୍ଣ୍ଣ ହୋଇଗଲେ କଳାରଙ୍ଗର ପଲିଥିନ କିମ୍ବା ଉପଚାର ନ ହୋଇଥିବା ଛଣ କିମ୍ବା ତାର୍ପୋଲିନଦ୍ୱାରା ନଡ଼ାଗଦାକୁ ସମ୍ପୂର୍ଣ୍ଣ ଆବଦ୍ଧ କରି ରଖାଯାଇଥାଏ ଏବଂ ସମସ୍ତ ରାସାୟନିକ ପ୍ରକ୍ରିୟା ପ୍ରଘଟ ପାଇଁ ୩ ସପ୍ତାହ ପର୍ଯ୍ୟନ୍ତ ଅତି କମରେ ରଖାଯାଇଥାଏ।

ସାବଧାନତା : ୧. ମଇଳା ବା ଅପରିଷ୍କାର ପାଣି ବ୍ୟବହାର କରନ୍ତୁ ନାହିଁ। ୨. ୟୁରିଆ ଦ୍ରବଣକୁ ସମାନ ଭାବେ ସବୁଆଡ଼େ ଛିଞ୍ଚନ୍ତୁ। ୩. ନଡ଼ାଗଦା ତିଆରି ସମୟରେ ଭଲଭାବେ ଗୋଡ଼ରେ ଚାପି ରଖନ୍ତୁ। ୪. ୟୁରିଆ ମିଶ୍ରିତ ନଡ଼ାଗଦାକୁ ଭଲଭାବେ କଳାରଙ୍ଗ ପଲିଥିନଦ୍ୱାରା ନିବୁଜ ରଖନ୍ତୁ।

ତିନି ସପ୍ତାହ ପରେ ସମସ୍ତ ରାସାୟନିକ ପ୍ରକିୟା ଘଟିବା ପରେ ନଡ଼ାର ଗୁଣାତ୍ମକମାନ ବଢ଼ିଯାଏ ଏବଂ ଏହା ଖାଦ୍ୟ ଉପଯୋଗୀ ଓ ସୁସ୍ୱାଦୁ ହୋଇଥାଏ। ପ୍ରକୃତରେ ଖାଲି ନଡ଼ାରେ ସୁପଚ୍ୟ ପୁଷ୍ଟିସାର ୦% ଏବଂ ସମୁଦାୟ ସୁପଚ୍ୟ ଶ୍ୱେତସାର ୩୮-୪୦%ଥାଏ। କିନ୍ତୁ ୟୁରିଆ ଉପଚାର ନଡ଼ାରେ ଏହା ବୃଦ୍ଧି ପାଇଁ ସୁପଚ୍ୟ ପୁଷ୍ଟିସାର ୪-୫% ଏବଂ ସମୁଦାୟ ଶ୍ୱେତସାର ୫୦% ହୋଇଥାଏ।

**ଖୁଆଇବା ପରିମାଣ :** ୧. ପଡ଼ିଆଗାଈ - ୪-୬କେ.ଜି. ଦୈନିକ ହିସାବରେ ଖାଇଲେ, ତାହା ଶରୀରର ସମସ୍ତ ଶକ୍ତି ଏବଂ ପୁଷ୍ଟିସାର ଚାହିଦା ମେଣ୍ଟାଇଥାଏ।

**୨. ଦୁଧିଆଳୀ ଗାଈ :** ୪-୫କେ.ଜି ୟୁରିଆ ଉପଚାର ନଡ଼ା ୫୦୦ଗ୍ରାମରୁ ୧କେ.ଜି ସୁଷମ ଦାନାର ପରିମାଣ କମାଇ ଦିଏ କିମ୍ବା ଏକ କେ.ଜିରୁ ଦେଢ଼ କେ.ଜି କ୍ଷୀର ଉତ୍ପାଦନ ବୃଦ୍ଧି କରାଇବାରେ ସହାୟକ ହୋଇଥାଏ।

ବେଳେବେଳେ ଚାଷୀଭାଇମାନେ କ୍ଷୀର ଉତ୍ପାଦନ ବୃଦ୍ଧି ଲାଗି ଭୁଲବଶତଃ କେବଳ ୟୁରିଆ ମିଶ୍ରିତ ପାଣି ବା ଦ୍ରବଣକୁ ସିଧାସଳଖ ଗାଈଙ୍କୁ ପିଆଇଥାନ୍ତି। ଫଳରେ ଗାଈ କ୍ଷୀର ଦେବା ପରିବର୍ତ୍ତେ ମୃତ୍ୟୁବରଣ କରନ୍ତି। ତେଣୁ ଚାଷୀଭାଇମାନେ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ। ବାଛୁରୀକୁ ୟୁରିଆ ଉପଚାର ନଡ଼ା ଖୁଆନ୍ତୁ ନାହିଁ।

**-ଡାକ୍ତର ବୀରକିଶୋର ପରିଡ଼ା**

## ସିରିଆ ଦେଶର ଲୋକକଥା

# ବର୍ଷା ହେଉ କି ନହେଉ , ଆମେ କାନ୍ଦିବାଟା ଥୟ

ନନ୍ଦିତା ମହାନ୍ତି



ଏକ ଦୂର ଗ୍ରାମରେ ଜଣେ କୃଷକ ଥିଲେ। ସିଏ ଦୁଇଟି କନ୍ୟା ସନ୍ତାନର ପିତା ଥିଲେ। ବିବାହ ବୟସ ଉପରାନ୍ତେ ସିଏ ଦୁଇ ଝିଅଙ୍କର ବିବାହ କରିଦେଲେ । ସେମାନେ ପାଖରେ ଥିବା ଅନ୍ୟ ଦୁଇ ଗ୍ରାମରେ ରହୁଥିଲେ। ବଡ ଝିଅ ବିବାହ କରିଥିଲା ଜଣେ ଧନୀ କୃଷକଙ୍କୁ ଆଉ ସାନ ଝିଅର ବିବାହ ହୋଇଥିଲା ଧନାଢ୍ୟ କୁମ୍ଭାର ପରିବାରରେ। ଏହା ଭିତରେ ଅନେକ ବର୍ଷ ବିତି ଯାଇଥିଲା। ହେଲେ ଝିଅମାନେ ବାପଘରକୁ ଥରେ ହେଲେ ଆସି ନଥିଲେ। ଦିନେ ସକାଳୁ ଉଠି କୃଷକର ସ୍ତ୍ରୀ ସ୍ୱାମୀକୁ କହିଲା, ‘ଅନେକ ଦିନ ହେଲା ଝିଅମାନେ ବାପଘରକୁ ଆସି ନାହାନ୍ତି। ମୋ ମନ କାହିଁକି ଭାରି ଗୋଳେଇଘାଣ୍ଟି ହେଉଛି। ସେମାନେ ନ ଆସିଲେ ନାହିଁ ତୁମେ ଥରେ ଯାଇ ସେମାନଙ୍କର ଭଲମନ୍ଦ କଥା ବୁଝି ଦେଇଆସ। ମୋର ବୟସ ବଢୁଛି। ମୁଁ ମରିବା ଆଗରୁ ଥରେ ସେମାନଙ୍କୁ ଆଖି ପୂରେଇ ଦେଖି ନେବାକୁ ଚାହୁଁଛି। ତୁମେ ସେମାନଙ୍କୁ ମୋର ଏଇ ପଦକ କଥା ନିଶ୍ଚୟ ଜଣାଇବ।’

ତା’ ପରଦିନ ସକାଳୁ କୃଷକର ସ୍ତ୍ରୀ ଗୋଟେ ଗଣ୍ଠିଲିରେ କୃଷକର ଦୁଇ ଖଣ୍ଡ ଲୁଗାପଟା ଓ କିଛି ଖାଦ୍ୟ ବାନ୍ଧିଦେଲା । କୃଷକ ଜାମାଯୋଡ ହୋଇ ତା’ ଘରେ ଥିବା ସବୁଠାରୁ ହୃଷ୍ଟପୃଷ୍ଟ ଗଧ ଉପରେ ବସି ଭଗବାନଙ୍କୁ ନିଜର ସକୁଶଳ ଫେରି ଆସିବାର ଆଶୀର୍ବାଦ ଭିକ୍ଷା କରି ବାହାରିଗଲା ଘରୁ, ଝିଅମାନଙ୍କୁ ଦେଖା କରିବାକୁ।

ପୁରା ଗୋଟେ ଦିନ ଯାତ୍ରା କରିବା ପରେ ସନ୍ଧ୍ୟାରେ ସିଏ ଯାଇ ପହଞ୍ଚିଲା ବଡଝିଅ ଘରେ। ସିଏ ଜଣେ କୃଷକଙ୍କୁ ବିବାହ କରିଥିଲା। ବଡଝିଅ ବାପାଙ୍କୁ ଦେଖି ଭାରି ଖୁସି ହୋଇଗଲା । ଆଦର କରି ନେଇ ଘରେ ବସେଇଲା , ଭଲମନ୍ଦ ପଚାରି ବୁଝିଲା। ଜୋଇଁ କାମ ସାରି ଘରେ ପହଞ୍ଚି ଶ୍ୱଶୁରଙ୍କୁ ଏତେ ଦିନ ପରେ ନିଜ ଘରେ ଦେଖି ଖୁବ ଖୁସି ହେଲେ। ରାତିରେ ଗୋଟେ ମେଣ୍ଢା ମାରି ରୋଷେଇ ହେଲା ଘରେ। ସମସ୍ତେ ମିଶି ଖାଇଲେ , ପିଇଲେ। ସାରାରାତି ଉଜାଗର ରହି ପୂର୍ଣ୍ଣମୀ ରାତିକୁ ଉପଭୋଗ କଲେ। ପରଦିନ ସକାଳେ ଉଠି ସିଏ ଦେଖିଲେ , ଘରେ ସମସ୍ତେ ଶୋଇଛନ୍ତି । କେବଳ ବଡଝିଅ ଉଠି ନିଜର ନିତ୍ୟକର୍ମ ସାରି ଘର କାମରେ ଲାଗିଛି। ଏକୁଟିଆ ପାଇ ସିଏ ତା ପାଖକୁ ଗଲେ। କାରଣ ସିଏ ଜୋଇଁ ଆଗରେ ଝିଅକୁ କିଛି ପଚାରିବାକୁ ଚାହୁଁ ନଥିଲେ। ଖୁବ ସ୍ନେହରେ ସିଏ ଝିଅର ମୁଣ୍ଡକୁ ଆଉଁସି ଦେଇ ପଚାରିଲେ, ‘ଝିଅ, ତୋ ମାଆ ଭାରି ବ୍ୟସ୍ତ ହେଉଥିଲା ତୋ ପାଇଁ। ସେଇଥିପାଇଁ ଖବରାଖବର ବୁଝିବା ପାଇଁ ମୋତେ ପଠେଇଲା । ଝିଅ ତୁ ଭଲରେ ଅଛୁ ତ ? ତୋର କିଛି ଅସୁବିଧା ନାହିଁ ତ ?’

ଝିଅ ଉତ୍ତର ଦେଲା , ନାଇଁ ବାପା କିଛି ଅସୁବିଧା ନାହିଁ । ମୁଁ ଖୁବ ଭଲରେ ଅଛି । ବାପା ତୁମେ ଟିକେ ପୂର୍ବ ଦିଗକୁ ଚାହିଁଲ ......କଣ ଦିଶୁଛି ତୁମକୁ ?

‘କଣ ଆଉ ....ହଳ କରା ଯାଇଥିବା ଏକ ବିରାଟ ଜମି !’ ବାପା ଉତ୍ତର ଦେଲେ ।

‘ଆଉ ଏପଟେ ପଶ୍ଚିମ ଦିଗକୁ ଟିକେ ଚାହଁ ...... ଉତ୍ତର ଦିଗକୁ ...... ଆଉ ଦକ୍ଷିଣ ଦିଗକୁ ବି ....’

ବାପା ଉତ୍ତର ଦେଲେ , ‘ସବୁ ଆଡେ କେବଳ ହଳ ହୋଇଥିବା ଜମି ହିଁ ଜମି !’

ବାପା, ତୁମ ଚାରି ପାଖେ ତୁମେ ଯେତେ ଜମି ଦେଖୁଛ, ସବୁ ଆମର। ପ୍ରତିବର୍ଷ ସେଇ ସବୁ ଜମି ହଳ କରି ଆମେ ଗହମ, ବାର୍ଲି, ଡାଲି, ଚଣା ଚାଷ କରୁ। ଆମେ ଖାଲି ଭଗବାନଙ୍କୁ ପ୍ରାର୍ଥନା କରୁ ଭଲ ବର୍ଷା ପାଇଁ। କାରଣ ଭଲ ବର୍ଷା ହେଲେ ଆମ ଜମିରେ ଭଲ ଚାଷ ହେବ। ତୁମେ ଆମ ପାଇଁ ଭଲ ବର୍ଷା କରିବାକୁ ଭଗବାନଙ୍କୁ ପ୍ରାର୍ଥନା କର। ବର୍ଷା ନ ହେଲେ ଆମର ଚାଷ ଉଜୁଡି ଯିବ ଆଉ ଆମେ ଗରିବ ହୋଇଯିବୁ।

କିଛି ଦିନ ବଡଝିଅ ଘରେ ରହି ସିଏ ସାନ ଝିଅ ପାଖକୁ ଯିବାକୁ ବାହାରିଲେ। ଫେରିଲା ବେଳେ ବଡଝିଅ ଅନେକ କିଛି ଭେଟି ଦେଲା ବାପାକୁ। ବାପା ତାକୁ ଗଧ ପିଠିରେ ଲଦି ଝିଅ ଠାରୁ ମେଲାଣି ନେଇ ବାହାରିଲେ।

ସିଏ ବଡଝିଅ ଘରୁ ବାହାରି ସାନଝିଅ ସହିତ ଦେଖା କରିବାକୁ ତା ଗାଁକୁ ଗଲେ। ସାନ ଝିଅ ଜଣେ କୁମ୍ଭାରକୁ ବିବାହ କରିଥିଲା। ସିଏ ଯିବା ରାସ୍ତାରେ ସାରା ରାସ୍ତା ଭଗବାନଙ୍କୁ ପ୍ରାର୍ଥନା କରି କରି ଗଲେ, ହେ ଭଗବାନ ଭଲ ବର୍ଷା କର, ହେ ଭଗବାନ ଭଲ କର....ହେ ଭଗବାନ ଭଲ ବର୍ଷା କର । ଏମିତି କହି କହି ସିଏ ଯାଇ ପହଞ୍ଚିଗଲେ ସାନଝିଅ ଘରେ। ସାନଝିଅ ଓ ଜୋଇଁ ତାଙ୍କୁ ଖୁବ ଆଦର ସତ୍କାର କଲେ। ତାଙ୍କ ପାଇଁ ଟେବୁଲରେ ସୁସ୍ୱାଦୁ ଖାଦ୍ୟ ଓ ବ୍ୟଞ୍ଜନ ପରଶିଦେଲେ। ସେମାନେ ସମସ୍ତେ ମିଶି ଖାଇଲେ, ପିଇଲେ ଓ ସାରା ରାତି ଉଜାଗର ରହି ଗପସପ କରି କାଟିଦେଲେ। କିଛି ଦିନ ସେଠାରେ କଟେଇଲା ପରେ ଦିନେ ସକାଳେ ଖାଇପିଇ ସାରି ଯେତେବେଳେ ସିଏ ନିଜ ଗ୍ରାମକୁ ଫେରିବାକୁ ବାହାରିଲେ ସାନଝିଅ ବଳେଇ ଦେବା ପାଇଁ କିଛି ବାଟ ଆସିଲା। ତା’ଠାରୁ ବିଦାୟ ନେବା ପୂର୍ବରୁ ତାକୁ ସିଏ ପଚାରିଲେ , ‘ଝିଅ ତୁ ଭଲରେ ଅଛୁ ତ ? ଖୁସି ଅଛୁ ତ ? ତୋ ମାଆ ତୋ ପାଇଁ ଖୁବ ଚିନ୍ତିତ । ସେଇଥିପାଇଁ ମୁଁ ଆସିଥିଲି ତୋତେ ଦେଖିବାକୁ।’

ଝିଅ ଉତ୍ତର ଦେଲା , ‘ବାପା , ତୁମେ ଟିକେ ପୂର୍ବ ଦିଗକୁ ଚାହିଁ ...ଅଣଦେଖୁଛ ତୁମେ ?’

‘ସୁନ୍ଦର ମୃତ୍ତିକାରେ ଭରପୁର ଜମି ।’ ସିଏ ଉତ୍ତର ଦେଲା ।

ଏବେ ଉତ୍ତର , ଦକ୍ଷିଣ, ପଶ୍ଚିମ ଦିଗକୁ ଚାହିଁ ......କଣ ଦେଖୁଛ ତୁମେ ? ଚାରିଆଡ ମାଟି ଜିନିଷ ତିଆରି କରିବା ପାଇଁ ଉପଯୁକ୍ତ ମାଟିରେ ଭରପୁର ଜମି। ଏଇ ମାଟିରେ ଆମେ ଘରକରଣା ଜିନିଷ ଯେମିତି କି : ହାଣ୍ଡିଆଟିକା, କଡେଇତାଓ୍ୱା, ଘରସଜା ଜିନିଷ ଏମିତି ହରେକ ରକମର ଜିନିଷ ତିଆରି କରୁ ଓ ତାକୁ ନେଇ ବଜାରରେ ବିକ୍ରି କରୁ। ଯେଉଁଥିରୁ ପ୍ରଚୁର ଆମଦାନୀ ହୁଏ ଓ ଆମେ ଭଲରେ ଚଳୁ। ବଜାରରେ ଆମ ହାତ ତିଆରି ଜିନିଷର ବହୁତ ଚାହିଦା । ବାପା , ତୁମେ ଦୟାକରି ଭଗବାନଙ୍କୁ ଆମ ପାଇଁ ପ୍ରାର୍ଥନା କର ଯେମିତି ଜମାରୁ ବର୍ଷା ନ ହେଉ। ବର୍ଷା ହେଲେ ମାଟି ଭେଦିଯିବ କିମ୍ବା ପାଣିର ସୁଅରେ ବୋହିଯିବ। ଆମେ ଆଉ ସେଥିରୁ ମାଟିଜିନିଷ ତିଆରି କରି ପାରିବୁନାହିଁ ଓ ଶେଷରେ ଆମେ ଗରିବ ହୋଇଯିବୁ।

ସିଏ ସାନଝିଅ ଠାରୁ ମେଲାଣି ନେଇ, ଗଧ ପିଠିରେ ବସି ଯେମିତି ରାସ୍ତାକୁ ଆସିଲା, ସିଏ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲା : ହେ ଭଗବାନ ବର୍ଷା ନ ହେଉ / ହେ ଭଗବାନ ବର୍ଷା ହେଉ ..... ହେ ଭଗବାନ ବର୍ଷା ନ ହେଉ / ହେ ଭଗବାନ ବର୍ଷା ହେଉ। ଘରେ ପହଞ୍ଚିବା ଯାଏଁ ସିଏ ଏଇପରି ପ୍ରାର୍ଥନା କରୁଥିଲା। ତାକୁ ଦେଖି ତାର ସ୍ତ୍ରୀ ପଚାରିଲା, ଝିଅମାନଙ୍କୁ ଦେଖିଲ ....ସେମାନେ କେମିତି ଅଛନ୍ତି ?

ସିଏ ଅନ୍ୟମନସ୍କ ଭାବରେ ଉତ୍ତର ଦେଲା , ଯଦି ବର୍ଷା ହୁଏ ତେବେ ଆମେ କାନ୍ଦିବା ଆଉ ଯଦି ବର୍ଷା ନ ହୁଏ ତେବେ ବି ଆମେ କାନ୍ଦିବା !

ଭୁବନେଶ୍ୱର ପ୍ରଧାନ ଡାକଘର, ଭୁବନେଶ୍ୱର
ମୋ-୮୨୪୯୪୩୭୨୭୬





ଅ ପେ ରା
ଆ ଇ ଟ ମ୍
ଶ୍ରୀଗୋବିନ୍ଦ

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ଯାତ୍ରାକୁ ଆସିଲି ବୋଲି ଘରେ ପୂରେଇ ଦେଲେନାହିଁ... ମିନୁ ମହାପାତ୍ର

ମୁଁ କଣ ସୁନ୍ଦରୀ ନୁହେଁ...ଡାଇଲଗ୍ ଶୁଣିଲେ ଆପଣଙ୍କ ମନ ଭିତର ଝଲସି ଉଠିବ ଅଭିନେତ୍ରୀ ମିନୁଙ୍କ ମୁହଁ। ଦମଦାର ସଂଳାପ ସାଙ୍ଗକୁ ଭୟଙ୍କର ଅଭିନୟ କରିବା ସହ ଜଣେ ଦେହଜୀବୀର କାହାଣୀ କହୁଥିବା ମିନୁଙ୍କ ଅଭିନୟ ଦର୍ଶକଙ୍କ ହୃଦୟ ନୁହେଁ ବରଂ ରାତିର ନୀରବତାକୁ ସେତେବେଳେ ଆହୁରି ଉଷ୍ମ କରିଦେଉଥିଲା। ଦର୍ଶକ ମିନୁଙ୍କ ଅଭିନୟରେ ପାଗଳ ହୋଇଯାଉଥିଲେ। ସବୁଠାରୁ ବେଶି ରୋଚକ ସଂଳାପ ମୁଁ କଣ ସୁନ୍ଦରୀ ନୁହେଁ...ସେତେବେଳେ ଓଡ଼ିଶାରେ ମାନିଆ ପାଲଟି ଯାଇଥିଲା। ଏପରିକି ପିଲାଠାରୁ ବୁଢ଼ା ଯାଏ ଏହି ଡାଇଲଗ୍ କହି କହି ବୁଲୁଥିଲେ। ଯା ଭିତରେ ବିତିଗଲାଣି ଅନେକ ବର୍ଷ। ଅନେକ ରଙ୍ଗିନ ରଙ୍ଗମଞ୍ଚରେ ରାତି ରାତି ଅଭିନୟ କରି ଜଣେ ସୁପରିଚିତ ଅଭିନେତ୍ରୀ ଭାବରେ ଓଡ଼ିଶାର ଘରେ ଘରେ ପରିଚିତ। ସେ ଯାତ୍ରା ପାର୍ଟିରେ ଯେତେବେଳେ ଯୋଗ ଦେଇଥିଲେ ସେମିତି ବେଶି କିଛି ବୟସ ହୋଇ ନଥିଲା ମିନୁଙ୍କର। ୧୪-୧୫ବର୍ଷ ବୟସରୁ ଘରୁ ଲୁଚି ପଳାଇ ଆସିଥିଲେ। ଅଭିନୟ ପ୍ରତି ଏତେ ଦୁର୍ବଳତା ଥିଲା ସେ ସିନା ଘରୁ ଲୁଚି ପଳେଇ ଆସିଲେ, ହେଲେ ଅନେକ ବର୍ଷ ଯାଏ ଘରର ମାଟି ମାଡ଼ିପାରି ନଥିଲେ। ଝିଅ ଯାତ୍ରାପାର୍ଟିକୁ ଯାଉ, ସେତେବେଳେ ଘରେ କେହି ଚାହୁଁ ନଥିଲେ। ସେ ଯେତେବେଳେ ଲୁଚି ପଳାଇ ଆସିଥିଲେ ଘରେ ବା କେମିତି ସମର୍ଥନ କରିଥାନ୍ତେ ? ସେଥିପାଇଁ ସେ ଯାତ୍ରାପାର୍ଟି ଛୁଟି ହେଲେ ମାମୁଁ ଘରକୁ ପଳେଇ ଯାଉଥିଲେ। ତିନି-ଚାରିବର୍ଷ ପରେ ସେ ଟିକେ ନାଁ କରିବା ପରେ ଘର ଲୋକଙ୍କୁ ବୁଝେଇବାକୁ ସମର୍ଥ ହୋଇଥିଲେ। ଏ ଥିଲା ମିନୁଙ୍କ ଯାତ୍ରା ପଛର ଲୁଚି ରହିଥିବା ଜୀବନ ତଥା ଅଭିନୟର ଯାତ୍ରା। ଅଭିନୟ ଜୀବନର ତିରିଶବର୍ଷ ମଧ୍ୟରେ ସେ ଅନେକ ଘାତ ପ୍ରତିଘାତକୁ ସାମ୍ନା କରି ଆସିଛନ୍ତି। ଏ ଆଖି ଦେଇ ବୋହିଯାଇଛି ଅଭିନୟ ପରି କେତେ ଲୁହ। ଏ ଶରୀରର ଭୋଗିଛି କେତେ ଦୁଃଖ ଆଉ ଯାତନା। କେତେ ଖୁସିର ଲୁହ ବି ସରାଗର ଫୁଲ ହୋଇ ଝଡ଼ିଯାଇଛି ଜୀବନରେ। ସୁଖଦୁଃଖର ଫେଣ୍ଟାଫେଣ୍ଟି ଜୀବନକୁ ନେଇ ଏମିତି ଯାତ୍ରା ପଥର ଯାତ୍ରୀ ହୋଇଛନ୍ତି ଯେ ଅଭିନୟ ନିଶା ଓ ପେସା ହୋଇ ରହିଯାଇଛି ତାଙ୍କ ଜୀବନରେ। କେବେ ପଛକୁ ଫେରି ଚାହିଁ ନାହାନ୍ତି କି ଅଭିନୟକୁ ନେଇ ଅନୁଶୋଚନା କି ଦୁଃଖ କରିନାହାନ୍ତି। ଅଭିନୟ ଯେତେବେଳେ ନିଜ ସହିତ ଅଛି, କିଛି ହରେଇବା କି ପାଇବାର ଅଭିଳାଷ ବି ନାହିଁ ତାଙ୍କର।



ପ୍ରଥମେ ତ୍ରିନାଥ ଗଣନାଟ୍ୟରେ ଯୋଗ ଦେବା ପରେ ସେ ଓଡ଼ିଶାର ଅଧିକାଂଶ ପାର୍ଟିରେ ନିଜର ନିଖୁଣ ଅଭିନୟ ଦ୍ୱାରା କେବଳ ଦର୍ଶକଙ୍କୁ ବାନ୍ଧି ରଖିନାହାନ୍ତି ବରଂ ଦର୍ଶକଙ୍କ ଠାରୁ ସେତିକି ଶ୍ରଦ୍ଧା ଓ ଭଲପାଇବା ମଧ୍ୟ ପାଇଛନ୍ତି। ପାର୍ବତୀ, ସୋମନାଥ, କଳିଙ୍ଗ, କୋଣାର୍କ, ସଚ୍ଚିଦାନନ୍ଦ, ବାଘାଯତୀନ, ସିଂହବାହିନୀ ଆଦି ଅନେକ ପାର୍ଟିରେ ଅଭିନୟ କରିଛନ୍ତି। ସେ ଯେଉଁ ଯେଉଁ ପାର୍ଟିକୁ ଯାଇଛନ୍ତି, ସେଇଠି ନିଜ ଅଭିନୟର ସ୍ୱତନ୍ତ୍ର ଛାପ ଛାଡ଼ିଦେଇଆସିଛନ୍ତି। ପାର୍ଶ୍ୱ ନାୟିକା ହେଉ ଅବା ନାୟିକା, ଚରିତ୍ର ଅଭିନେତ୍ରୀ ହୁଅନ୍ତୁ କି ଖଳନାୟିକା, ତାଙ୍କ ଅଭିନୟରେ ରହିଛି ସ୍ୱତନ୍ତ୍ର ଯାଦୁ। ସେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟକୁ ନେଇ ଭିନ୍ନ ଭିନ୍ନ ପରୀକ୍ଷାନିରୀକ୍ଷା ମଧ୍ୟ କରିଛନ୍ତି। ନିଜକୁ ଭିଡ଼ ଭିତରୁ ଆଣି ସ୍ୱତନ୍ତ୍ରତା ମଧ୍ୟରେ ନିଜ ବ୍ୟକ୍ତିତ୍ୱକୁ ଚିହ୍ନେଇ ଦେଇଛନ୍ତି। ସେଥିପାଇଁ ସେ ଅନନ୍ୟା ଅଭିନେତ୍ରୀ ମିନୁ ଭାବରେ ଯାତ୍ରା ଇଣ୍ଡଷ୍ଟ୍ରୀରେ ପରିଚିତ।

ପୁରୀରୁ ପଟ୍ଟାମୁଣ୍ଡାଇ, ଭଲ ମଣିଷ ଖୋଜା ଚାଲିଛି, ମୁଁ ବଦନାମ ଗଳିର ଝିଅ, ଗାୟତ୍ରୀ ଅପାର ଗୋପନ କଥା, ମୁଖ୍ୟମନ୍ତ୍ରୀ ଜିନ୍ଦାବାଦ, ମହାଭାରତରେ ଅର୍ଜ୍ଜୁନ ରାଣୀ, ସିନ୍ଦୂର ମୋ ପାଇଁ ଲକ୍ଷ୍ମଣରେଖା ଆଦି ନାଟକରେ ସେ ଅଭିନୟ କରି ବେଶ୍ ଚର୍ଚ୍ଚାକୁ ଆସିପାରିଥିଲେ। ସିଂହ ବାହିନୀରେ ଭାଇରାଲ ନାଟକ ତୁ ମୋ ବଜରଙ୍ଗୀ, ଭୋଳାଶଙ୍କର, ଏଥୁ ଅନ୍ତେ କଳିଯୁଗ ଶେଷ, ଯାଯାବର, ଈଶ୍ୱର ଅଲ୍ଲା ତେରେନାମ ଆଦି ନାଟକରେ ମିନୁଙ୍କର ରହିଛି ବେଶ ଦମଦାର ଅଭିନୟ। ଭୋଳାଶଙ୍କର ନାଟକରେ ରହିଛି ସେମିତି ଏକ ଦମଦାର ଡ଼ାଇଲଗ୍...ମୁଁ ମିନୁ ମହାପାତ୍ର...ନାଁ ମୋର କେହି ଶତ୍ରୁ ନା ମୋର କେହି ମିତ୍ର। ମୋ ସହିତ ବନ୍ଧୁତା କଲେ...ଆଇ ଲାଇକ ଇଟ୍, ଆଉ ଶତ୍ରୁତା କଲେ..ଯା ହଟ୍ ଶାଲା ହଟ୍...ଦୀପକ ଜେନାଙ୍କ ରଚନା ଓ ମହେଶ ହାଜରାଙ୍କ ନିର୍ଦ୍ଦେଶନାରେ ମିନୁ ମହାପାତ୍ରଙ୍କ ଜବରଦସ୍ତ ଅଭିନୟ ଦେଖି ଦର୍ଶକ ଖୁବ୍ ପ୍ରଶଂସା କରୁଛନ୍ତି ।



ସମ୍ୟୁକ୍ତା ମେନନ

‘ନିତିଦିନ’ର ରବିବାର କ୍ରୋଡ଼ପତ୍ର ‘ନଜର’କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
‘ନଜର’, ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com